
RNI No. : ODIODI/2015/64435
Postal Regd. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
Prachee

ମାର୍ଚ୍ଚ ୨୦୧୭
ମୂଲ୍ୟ : ୨୫ ଟଙ୍କା







ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ତ୍ରିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିସ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱାଦଶତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୂଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, March 2016, Issue No. XII
RNI No. : ODIODI/2015/64435
Postal Regd. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରସୁନ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ :
ବିଷ୍ଣୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ

ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration : Printed, Published, Edited & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

❑ ଅଭିଶପ୍ତା
ଡଃ. ନିରୋଦ କୁମାର ମନ୍ତ୍ରୀ ୭

❑ ଭଙ୍ଗାଘର ଅଭଙ୍ଗା ମନ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର ୧୦

❑ ମନବୁଝେ ମନର କଥା
ସୁପ୍ରିୟା ସାହୁ ୧୨

❑ ଅସପନ ବଣିକ : ନଳିଆ
ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ୧୩

❑ କଣ୍ଢେଇର ନାଁ "କାହ୍ନା"
ବିଜୟ କୁମାର ସାହୁ ୧୫

❑ ଅବୈଧ ସନ୍ତାନ
ପ୍ରଫୁଲ୍ଲ କୁମାର ସାହୁ ୧୯

❑ ଚିନ୍ତାର ଅନଳେ
ଦାଶରଥୀ ସାମଲ ୨୨

❑ ଦୁଃଖିନୀର ଦୁଃଖ
ଚୂଡ଼ାମଣି ପାଣିଗ୍ରାହୀ ୨୪



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା.......................................................................... ପିନ୍‌କୋର୍ଡ୍ ....................................

ମୋବାଇଲ୍ ନମ୍ବର ............................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.com

# ଅଭିଶପ୍ତା

**ଡଃ. ନିରୋଦ କୁମାର ମଣ୍ଡୀ**

**ଗାଁ** ଟା ଯାକ ଲୋକ ସମସ୍ତେ ବ୍ୟସ୍ତ ! ନୂଆ ପୋଷାକରେ ଛୋଟ ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଆନନ୍ଦରେ ନାଚି ଯାଉଛନ୍ତି । ମାଇକ୍‌ରୁ ବାହାରି ଆସୁଛି ପୁରୁଣା ଭଜନ ଠାରୁ ଆରମ୍ଭ କରି ଆଧୁନିକ ଭଜନ ପର୍ଯ୍ୟନ୍ତ । ଅଭିଆଡି ଝିଅମାନେ ନିଜକୁ ସଜେଇ ହୋଇ ଦର୍ପଣ ସମ୍ମୁଖରେ ବାରମ୍ବାର ମୁହଁ ଦେଖୁଛନ୍ତି । ଯାତରା ପଡ଼ିଆରେ ବେଲୁନ୍ ବାଲା, ବୁଟ ବାଲା, ଗୁପ୍‌ଚୁପ୍ ବାଲା, ଚାଟ୍ ବାଲା, ବରାପିଆଜି ବାଲାଙ୍କ ଭିଡ଼ ଜମିଗଲାଣି । ଛୋଟପିଲା ଗୁଡ଼ାକ ଘରୁ ଜିଦ୍‌କରି ଯେଉଁ ଦୁଇ□ଟଙ୍କା କି ଦଶଟଙ୍କା ଆଣିଥିଲେ ସବୁ କିଣା କିଣିରେ ବ୍ୟସ୍ତ । ମନେ ହେଉଛି ଗାଁ ଟା ଆଜି ଆନନ୍ଦରେ ଫାଟି ପଡୁଛି । ସବୁରି ମୁହଁରେ ହସ, କିନ୍ତୁ ହସ ନାହିଁ ମାଧବୀର । ଗାଁର ସବୁ ଆନନ୍ଦ ତା' ପାଇଁ ବନ୍ଦ, ଅବଶ୍ୟ ଚୌଧୁରୀ ବଂଶର କୁଳବଧୂ ସିଏ । ତା'ର ତ ପୁଣି ସଂସ୍କାର ରହିବା ସ୍ୱଭାବିକ । ନହେଲେ ଗାଁ ଲୋକେ ଭାବିବେ କ'ଣ ? କିନ୍ତୁ ଦୁଇବର୍ଷ ହେଲା ବାହା ହୋଇଛି । ସେ ବି ତା' ଗାଁ ମଧୁପୁରରେ ଥିବାବେଳେ ଏମିତି ଅନେକ ଯାତରାରେ ଭାଗନେଇଛି, ହସିଛି, ଖେଳିଛି, ନାଚିଛି ।

ମଧୁପୁର ଗାଁ ର ଜମିଦାର ମଙ୍ଗୁଳି ବାବୁଙ୍କ ଏକମାତ୍ର ଝିଅ ଥିଲା ମାଧବୀ । ଅଚଳାଚଳ ସମ୍ପତି । ଗୋଟିଏ ଝିଅ । ଭଗବାନ କୁଳ ରକ୍ଷାପାଇଁ ପୁଅଟିଏ ଦେଇନଥିଲେ । ସେଥିରେ ମଙ୍ଗୁଳି ବାବୁ ଦୁଃଖିତ ନଥିଲେ । ତାଙ୍କ ପାଇଁ ମାଧବୀ ଥିଲା ପୁଅ ପରି । ଯେତେବେଳେ ଯାହା ମାଗିଥାଏ ମାଧବୀ, ତାହା ତତ୍‌କ୍ଷଣାତ୍ ମିଳିଯାଏ । କ'ଣ ବା ଅଭାବ ? ଗାଁରେ ଯାତରା ହେଲାବେଳେ ସବୁ ଜିନିଷ ଯାତରା ପଡ଼ିଆରୁ କିଣିଆଣେ ମାଧବୀ । ଘର ଭରିହୋଇଯାଏ ରଙ୍ଗ ବେରଙ୍ଗର ପେଁକାଳି, ଖେଳଣାରେ । ସାଙ୍ଗସାଥୀମାନଙ୍କ ସଙ୍ଗରେ ଖେଳଣା ନେଇ ଦିନ ତମାମ ଖେଳିଥାଏ । ଏମିତି ଖେଳ କେବଳ ବାପଘରେ ସିନା, ତାହା କ'ଣ ଶାଶୁଘରେ ହେବ । ବାପଘରର ସାଧୀନତା କ'ଣ ଶାଶୁଘରେ ମିଳେ ?

ବିବାହ ବୟସ ହେବାରୁ ମଙ୍ଗୁଳିବାବୁ ଝିଅକୁ ବିବାହ ବନ୍ଧନରେ ବାନ୍ଧି ଦଅନ୍ତି ଗାଁ ପାଖ ହରିପୁର ଗାଁର ଭୀମ ଚୌଧୁରୀଙ୍କ ପୁଅ ସଙ୍ଗେ । ଚୌଧୁରୀ ବାବୁଙ୍କ ପୁଅ ଦେଖିବାକୁ ରାଜକୁମାର ପରି । ରୂପ ଯେମିତି ଗୁଣ ସେମିତି, ମାଧବୀ ଓ ଚୌଧୁରୀବାବୁଙ୍କ ପୁଅ ହେମନ୍ତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ହେମନ୍ତର ସ୍ନେହ ଓ ଭଲପାଇବାରେ ମାଧବୀ ଭୁଲିଯାଇଥିଲା ପିତୃସ୍ନେହ । ବିବାହ ପୂର୍ବରୁ ନାହେକେ କହୁଥିଲେ ଦୁଇଜଣଙ୍କର ରାଜଜୋଟକ, ପ୍ରକୃତରେ ସତ୍ୟ । ରାଜଜୋଟକ ନହେଲେ ଏଭଳି ସ୍ନେହ ଓ ପ୍ରେମ ଆସନ୍ତା ବା କାହୁଁ ? ବୋଧହୁଏ ଭଗବାନ ଏହି ସ୍ନେହକୁ ସହି ପାରିଲେନି। ବିବାହର ବର୍ଷେ ନପୁରୁଣ କେଉଁ ଏକ ଅଜଣାରୋଗରେ ଆରପାରିକୁ ଚାଲିଗଲେ ହେମନ୍ତ । ପରମ୍ପରା ଅନୁସାରେ ମାଧବୀ ହେଲା ବିଧବା । ସଧବାର ଆନନ୍ଦ ବିଧବାର ଯନ୍ତ୍ରଣା ନିକଟରେ ତୁଚ୍ଛ ମନେହେଲା । ସବୁଥାଇ ନଥିବାର ଅନୁଭବ କଲା ମାଧବୀ ।

ଏହି ବୈଧବ୍ୟର ପାଚେରୀ ଭିତରେ ସୀମାବଦ୍ଧ ହୋଇ ଅଣନିଶ୍ୱାସୀ ଜୀବନ ବିତାଉଛି ମାଧବୀ । ସଧବା ସମୟର ମାଧବୀ ଚେହେରାରେ କିଛି ପାର୍ଥକ୍ୟ ଆଣିନି ବିଧବାର ସମୟ କିନ୍ତୁ ମନରେ ଆଣିଛି ଅନେକ । ସେଥିପାଇଁ ଗାଁଟା ଯାକ ଆନନ୍ଦରେ ନାଚି ଉଠୁଥିବା ବେଳେ ମାଧବୀ ଘର କୋଣରେ ଆଖି ଲୁହ ଆଖିରେ ମାଡ଼ି ବସିଛି ନିସ୍ତେଜ୍ ହୋଇ । ଅବିବାହିତ ସମୟର ସବୁକିଛି ହସଖୁସି ଯେମିତି ଉଭେଇଯାଇଛି । ନିର୍ମଳ ଅକାଶର ଶୋଭା ପ୍ରତ୍ୟେକଙ୍କୁ ଆନନ୍ଦ ଦିଏ, କିନ୍ତୁ ମେଘଭରା ଆକାଶ କ'ଣ କାହାକୁ ଆନନ୍ଦ ଦିଏ ? ବଜ୍ରପାତର ଭୟ ସମସ୍ତଙ୍କୁ ଭୟଭୀତ କଲାପରି, ମାଧବୀର ବୈଧବ୍ୟ ପ୍ରତ୍ୟେକଙ୍କୁ ଭୟଭୀତ କରୁଥିଲା । ବିଧବାର କୁଆଡେ ଖୁସି ନାହିଁ । ସେ ନିଜ ସାମୀକୁ ଖାଇଛି । ତା'ର ପୁଣି ଖୁସି କ'ଣ ? ସେ ଗୋଟାଏ ଅଭିଶପ୍ତା, ଶୁଭକାର୍ଯ୍ୟ ତା' ପାଇଁ ମନା । ସେ ଧଳା ଶାଢ଼ୀର ଶୁଭ୍ରତା ଭିତରେ ମନ ଦୁଃଖର କାଳିମାକୁ ଘୋଡ଼ାଇ ରଖିଥାଏ । ଏହିଭଳି ମାଧବୀର ଜୀବନ । ଯାତରା ପଡ଼ିଆ ନାଚଗୀତରେ କମ୍ପୁଥାଏ । କିନ୍ତୁ ମାଧବୀ ଘର ଭିତରେ

ଏକା ଏକା ରହି ଦୁଃଖର ଦାବାନଳରେ ଜଳୁଥାଏ । ବୟସ କୋଡ଼ିଏ, ଯେଉଁ ବୟସର ଯୁବତୀମାନେ କେତେଯେ ହସଖୁସି ନହୁଅନ୍ତି । କିନ୍ତୁ ତା ପାଇଁ ସବୁକିଛି ମନା । ଯେଉଁ ଦିନଠାରୁ ତା' ମଥାରୁ ସିନ୍ଦୂର ଲିଭିଯାଇଥିଲା, ହାତର କାଚ ତୁଟି ଯାଇଥିଲା, ରଙ୍ଗିନ୍ ପୋଷାକ ବଦଳେ ପିନ୍ଧିଥିଲା ଧଳାଲୁଗା ଖଣ୍ଡେ । ଅସରନ୍ତି ଲୁହଧାର ଥିଲା ତା'ପାଇଁ ଚିର ସହଚର । ହୃଦୟର ଯୌବନ ଫିକା ପଡ଼ିଯାଇଥିଲା ।ଏମିତି ଏକ ବର୍ଷ ହେଲା ସମୟ ଚକ୍ରରେ ପେଷି ହୋଇଆସିଛି ମାଧବୀ ।

ଯାତ୍ରା ପଡ଼ିଆରେ ମାଧବୀର ଅନୁପସ୍ଥିତିକୁ ଅନୁଭବ କରିପାରିଥିଲା ବିଭୁ । ବୟସ ୨୫ । ସହରରେ ପାଠପଢ଼ୋ ଭଦ୍ର ଯେମିତି ଶାନ୍ତ ସେମିତି, ଗୁଡାଏ ପାଠ ପଢ଼ିଛି ବୋଲି ମନରେ ଅହଙ୍କାର ନାହିଁ । ଓ.ଏ.ଏସ୍. ପରୀକ୍ଷା ଦେଇ ଗାଁ କୁ ଆସିଛି । ହେମନ୍ତର ଅନ୍ତରଙ୍ଗ ବନ୍ଧୁ ବିଭୁ । ହେମନ୍ତର ବିବାହ ସମୟରେ ବିଭୁ ବରଯାତ୍ରୀ ହୋଇ ମାଧପୁର ଯାଇଥିଲା। ମାଧବୀକୁ ପ୍ରଥମେ ସେ ଦେଖିଥିଲା । ହସହସ ମୁହଁ ଦେଖି ହେମନ୍ତକୁ ଭଲ ପିଲାଟିଏ ପାଇଛୁ ବୋଲି କହିଥିଲା । ହେମନ୍ତଙ୍କ ଘରେ ସେ କେତେଥର ମାଧବୀ ସହ କଥାହୋଇଛି । କିନ୍ତୁ ହେମନ୍ତ ଚାଲିଗଲା ପରେ ମାଧବୀ ମୁହଁରୁ କେମିତି ସେ ସବୁ ହସ ଲିଭିଯାଇଥିବାର ବିଭୁ ଅନୁଭବ କରିଛି । ବିଭୁ ମନେ ମନେ ଏସବୁକୁ ନେଇ ନିଜ ଭିତରେ ଅନେକ ପ୍ରଶ୍ନ କରିଛି ?

କାହିଁକି ଏ ସମସ୍ତ ପରମ୍ପରା ଆମ ଭିତରେ ବାନ୍ଧିହୋଇ ରହିଛି ? କାହିଁକି ଗୋଟିଏ ପଦ୍ମପାଖୁଡାର ହସକୁ ବୈଧବ୍ୟର କାଳର ବିନ୍ଦୁ ନଷ୍ଟକରି ଦେଉଛି ? ଯଦି ପୁରୁଷର, ସ୍ତ୍ରୀ ମରିଗଲା ତେବେ ପୁରୁଷ ଯଦି ନୂଆ ଘର ସଂସାର କରି ଖୁସିରେ ରହିପାରୁଛି, ତେବେ ନାରୀ ଜାତିକ୍ଷେତ୍ରରେ ତାହା କାହିଁକି ବାଧକ ସାଜିଛି ? ବିପତ୍ନିକ ଯଦି ପୁନର୍ବାର ସମାଜରେ ଖୁସିରେ ରହିପାରେ, ତେବେ ବିଧବା କାହିଁକି ରହିପାରେନା ? ନା ଏହା ଠିକ୍ ନୁହେଁ ? ସମାଜର ଏହି ଅନ୍ଧବିଶ୍ୱାସରେ ଅନେକ କଳିକା ଅସମୟରେ ବୃନ୍ତଚ୍ୟୁତ ହୋଇପଡୁଛନ୍ତି । କିନ୍ତୁ ଏ ପ୍ରଶ୍ନର ସମାଧାନ କ'ଣ ?

ଏମିତି ବାରମ୍ବାର ଭାବେ ବିଭୁ, ଦୁଃଖରେ ଭାଙ୍ଗିପଡେ । ସମାଜର ବଡ଼ପଣ୍ଡାମାନଙ୍କ ପ୍ରତି ତା ହୃଦୟରୁ ଆସିଥାଏ ନାହିଁନଥିବା ଘୃଣା । କିନ୍ତୁ ଏତେବଡ଼ ଅନ୍ଧ ବିଶ୍ୱାସର ଗଛଟାକୁ କ'ଣ ସେ ଏକା ଟାଳି ପାରିବ । ଦୀର୍ଘଶ୍ୱାସ ମାରିଥାଏ ବିଭୁ । ମାଧବୀର ଅନୁପସ୍ଥିତି ତାକୁ ଅଣନିଶ୍ୱାସୀ କରିଥାଏ । ଶେଷକୁ ସେ ଚାଲି ଚାଲି ହୋଇ ମାଧବୀପାଖକୁ ଯାଏ । ତା'ପୁଣି ସଂଯତ ସହକାରେ । ନଚେତ୍ ମାଧବୀର ଦୁଃଖ ପୁଣି ଅଧିକ ବଢ଼ିଯିବାର ସମ୍ଭାବନା ଥାଏ । ଯାଇ ଦେଖିଛି ମାଧବୀ ବସିଛି । ଏକାଲୟରେ ଚାହିଁ ରହିଛି କୃଷ୍ଣଚୂଡ଼ା ଗଛରେ ବସିଥିବା କପୋତ-କପୋତୀକୁ । କପୋତ-କପୋତୀ ପରସ୍ପରକୁ ଚୁମ୍ବନ ଦେଉଛନ୍ତି । କିନ୍ତୁ ସନ୍ଧ୍ୟା ପୂର୍ବରୁ, ତା'ପରେ ତାଙ୍କର ବିଚ୍ଛେଦ । ଏହା ତ ବିଧିର ବିଧାନ । ମାଧବୀର ଆଖିଦୁଇଟିରୁ ବହିଚାଲେ ଲୋତକର ଧାରା । ବିଭୁର ଭାଉଜ ଡାକ ପଦରେ, ମାଧବୀ ପ୍ରକୃତିସ୍ଥ ହୋଇଯାଇଛି ।

– ବିଭୁ ! ତୁମେ କେତେବେଳୁ ଆସିଲଣି ?

– ତୁମେ ଯେବେ ଠାରୁ କପୋତ-କପୋତୀଙ୍କୁ ଦେଖି ଭାବୁକ ପାଲଟି ଯାଇଥିଲ ?

– ନାଁ ବିଭୁ ! ମୋର ଆଉ ଭାବୁକ ହେବାର ବୟସ ନାହିଁ ? କେବଳ ଚିନ୍ତାକରୁଥିଲି ? କେତେ ଖୁସି କପୋତ-କପୋତୀଙ୍କର, କିନ୍ତୁ ସନ୍ଧ୍ୟା ହେବାକ୍ଷଣି ଏମାନଙ୍କର ବିଚ୍ଛେଦ । କି କଷ୍ଟ ସତେ ଏମାନଙ୍କର ଜୀବନ । କେଉଁ ବିଧାତାଙ୍କର ଏହା ବିଧି ।

– ତୁମ କଥା !

– ଛାଡ଼ ବିଭୁ ! ଆମେ ତ ମଣିଷ ! ଆମର ନିୟମ କାନୁନ୍ ସମାଜ ଗଢ଼େ। ଯାହା ଗଢ଼ିବ ତାହା ମାନିବାକୁ ଆମେ ବାଧ୍ୟ । ନମାନିଲେ କଳଙ୍କିନୀ, ବେଶ୍ୟା, ଏମିତି ଅନେକ ଶବ୍ଦର ବୋଝ ନେଇ ଜୀବନସହ ଲଢ଼ିବାକୁ ପଡ଼ିବ ।

– ତୁମେ କ'ଣ ଏମିତି ସହିଚାଲିଥିବ ଜୀବନ ସାରା !

– ସବୁକିଛି ସହିବା ହେଉଛି ବିଧବା ନାରୀର ପରିଚୟ । ଯେମିତି କାହାର ବିବାହରେ ଆମେ ଯୋଗ ଦେଇପାରିବୁନି, ଶୁଭ କାର୍ଯ୍ୟରେ ଆମେ ଲୁଚିରହିବୁ । ଆମେ କୁଆଡ଼େ ଅଲକ୍ଷଣୀ, ସାମୀଖାଇ, ଆମର ଉପସ୍ଥିତ ସବୁକିଛି ଶୁଭକାର୍ଯ୍ୟକୁ ଅଶୁଭ କରିଦିଏ । ସେଥିପାଇଁ ଅନ୍ଧାର ଘର ଭିତରେ ରହି ଝରକାରେ ଶୁଭକାର୍ଯ୍ୟ ଦେଖୁ । ଦିନର ଆଲୋକ ଆମପାଇଁ ସ୍ୱପ୍ନ । ଆମେ ଅନ୍ଧକାରର ପେଚା । ଆମେ ଅଶୁଭ । ଏମିତି ହୃଦୟରେ କୁହୁଳୁଥିବା ବାସ୍ତବ ସତ୍ୟକୁ ଏକା ନିଶ୍ୱାସକେ

ଅଜାଡ଼ିଦେଲା  ବିଭୁ ସମ୍ମୁଖରେ ମାଧବୀ । ବିଭୁ କେବେଳ କାବ୍‌ବା ହୋଇ ଶୁଣୁଥାଏ । ଏହି ନିରୀହ ଜୀବନର କାହାଣୀ ।

ତା' ଭିତରେ ଏସମସ୍ତ ଘଟଣା ଯେଉଁଳି ତୀକ୍ଷ୍ଣ ଛୁରିକା ଭେଦପରି ମନେହେଉଥାଏ । କିଛି କହି ଆସିବା ବେଳକୁ ମାଧବୀର ଭୋ ଭୋ କାନ୍ଦରେ ବିଭୁ ନିର୍ବାକ ହୋଇଯାଇଥିଲା । ଅନୁଭବ କରୁଥାଏ, ସତେଯେପରି ମାଧବୀର ଦୁଃଖର ବରଫ ପାହାଡ଼ ଟା ହଠାତ୍ ତରଳି ଗଲାପରି ।

– ତୁମେ କାନ୍ଦନା ଭାଉଜ !

– କାନ୍ଦିବାଟା ବାରିହୁଏ ହସଥିଲେ ବିଭୁ ! ଏବେତ ମୋ ପାଇଁ କାନ୍ଦିବା ଟା ଉଭୟ ହସ ଓ କାନ୍ଦ, ଖାଲି କେବଳ ଗୋଟାଏ ମାଦଳପରି ଖାଇପିଇ ଜୀବନ ନିର୍ବାହ କରୁଛି । ଅପେକ୍ଷା କେବଳ ବୟସର ଆଘାତକୁ ।

– ଘରେ କ'ଣ ତୁମର କୌଣସି କଥା ବୁଝୁ ନାହାନ୍ତି ?

– ହଁ ବୁଝୁଛନ୍ତି ! ଯେମିତି ପିଞ୍ଜରା ଆବଦ୍ଧ ଶୁଆ । ଭଲ କୋଳି, କ୍ଷୀର, ମିଠା ସବୁମିଳେ । ଶୁଆ ବି ଭଲ ରାମ ନାମ କହେ । ମା' ବାପା, ଭାଇ, ସବୁ କହେ । ପିଞ୍ଜରା ଭିତରେ ପର ଫଡ଼ ଫଡ଼ କରିଉଡେ । କିନ୍ତୁ ଆମେ ଭାବୁ ଆମ ଶୁଆଟା କେତେ କଥା କହିଲାଣି । କିନ୍ତୁ ଶୁଆର ମନର କଥା କ'ଣ କେହି ଜାଣିପାରେ ?

ବିଭୁ ଏ ସମସ୍ତ ଶୁଣି ଦୁଃଖରେ ଭାଙ୍ଗିପଡେ, ଯେତେବୁଝାଇଲେ ବି ମାଧବୀ ଯାତ୍ରାଦେଖିବାକୁ ରାଜି ହୁଏ ନାହିଁ । କାହିଁକି ନା ତା ପାଇଁ ଯାତ୍ରା ଦେଖିବା ମନା – ଭଗ୍ନ ହୃଦୟ ନେଇ ବିଭୁ ଫେରିଆସେ । ହୃଦୟରେ ଅନେକ ଭାବନା ଜମାଟ ବାନ୍ଧେ । ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇଯାଏ ବିଭୁର ହୃଦୟ ସାରା, ଯାତ୍ରାର ମାଇକି ଶବ୍ଦ ତା' ମନକୁ ଛୁଇଁ ପାରୁନଥାଏ, ପିଲାମାନଙ୍କର ପେଁକାଳି ଶବ୍ଦ ତାକୁ ବ୍ୟସ୍ତ କରୁନଥାଏ, ଏକ ମୁହାଁ ହୋଇ ଚାଲୁଥାଏ କିଛି ନୂତନ ସୃଷ୍ଟିର ଅନ୍ୱେଷଣରେ। ଯେଉଁ ସୃଷ୍ଟିରେ ନଥିବ ଏହି ଅନ୍ଧବିଶ୍ୱାସର କାଳିମା ।

ହଠାତ୍ ଏକ ହାବେଳି ବାଣର ବିକଟାଳ ଶବ୍ଦରେ ବିଭୁ ପ୍ରକୃତିସ୍ଥ ହୋଇଯାଇ ଦେଖେ ଯାତ୍ରା ପଡ଼ିଆରେ ତା'ର ଉପସ୍ଥିତି କୁ । ଆଲୁଅରେ ଆଖି ଝୋସି ହୋଇଯାଉଥାଏ । ବରା, ପିଆଜିର ବାସ୍ନାରେ ଚାରିଆଡ ଫାଟିପଡୁଥାଏ । ପିଲାମାନଙ୍କର ନାଚକୁଦରେ ବାପା ମା'ମାନେ ବେଶ ଆନନ୍ଦ ଅନୁଭବ କରୁଥାନ୍ତି ।

ଓଡ଼ିଆ ଅଧ୍ୟାପକ
କଟକ
ଯୋଗାଯୋଗ –୯୪୩୯୨୫୩୦୬୫

# ଭଙ୍ଗାଘର ଅଭଙ୍ଗା ମନ

ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

**ସ**ମ୍ପର୍କ ଏକ ସ୍ନେହର ଦଉଡ଼ିର ବନ୍ଧା ହୋଇ ଥାଏ "ସେଥିରେ ନଥାଏ ସ୍ୱାର୍ଥ, ପରଶ୍ରୀକାତରତା, ନଥାଏ ବେଶୀ, କମ୍ ତଉଲିବାର ତରାଜୁ" କିନ୍ତୁ ଯଦି ଏହି ସଂପର୍କ ଭିତରେ ସ୍ୱାର୍ଥପରତା ପଶିଯାଏ ତେବେ ଏହା ହୋଇଯାଏ ଏକ କିଣାବିକାର ସଉଦା ।

ସେଦିନ ଭାରାକ୍ରାନ୍ତ ସ୍କୁଲ ବ୍ୟାଗକୁ କାନ୍ଧରେ ପକାଇ ଦୌଡ଼ି ଦୌଡ଼ି ସ୍କୁଲ ଗେଟ୍ ପାଖକୁ ଆସୁଥିଲା ଛଅ ବର୍ଷ ବୟସର ପିଲାଟିଏ । ସ୍କୁଲ୍ ଗେଟ୍ ପାଖରେ ନିର୍ଣ୍ଣିମେଷ ନୟନରେ ଖୋଜିଥିଲା ତାର ବାପା ଅନୀକେତଙ୍କୁ । କେତେବେଳୁ ସ୍କୁଲର ଛୁଟି ବେଲ୍ ବାଜି ସାରିଲାଣି । ସବୁ ପିଲାମାନେ ପ୍ରାୟ ଯିଏ ଯାହା ସାଙ୍ଗରେ ଚାଲିଗଲେଣି କିନ୍ତୁ ଏକାକୀ ଠିଆ ହୋଇ ରହିଛି ପିଲାଟି । କେତେବଳେ ବାପା ଆସିବେ ? ନାଲିରଙ୍ଗର ଗାଡ଼ିଟିକୁ ସ୍କୁଲ୍ ଗେଟ୍ ପାଖର କଡ଼କୁ ରଖି ଯେତେବେଳେ ଅନୀକେତ ଏକ ଗାଡ଼ିରୁ ଓହ୍ଲେଇଲେ, ଏତେ ଡେରୀରେ ବାପାଙ୍କୁ ଦେଖି ବାପାଙ୍କ ଉପରକୁ ଖୁସିରେ ଚଢ଼ିଗଲା ପିଲାଟି । ତୁମେ କାହିଁକି ଏତେ ଡେରୀକଲ ଯେ ! ସ୍କୁଲ୍ କେତେବେଳୁ ଛୁଟି ହୋଇସାରିଲାଣି । ଦେଖୁନ ମୁଁ ଏ ଖରାରେ କେତେବେଳୁ ଠିଆ ହୋଇରହିଛି ଖାସ୍ ତୁମକୁ ଅପେକ୍ଷା କରି । ଏତେଗୁଡ଼ିଏ କଥାରେ ନିଜକୁ ଦୋଷୀ ମଣିଲେ ଅନୀକେତ । କୋଡ଼କୁ ଟେକିନେଲେ ପୁଅକୁ । ମୁହଁରେ କେତେ ଯେ ଚୁମ୍ବନର ରେଖା ଟାଣିଦେଲେ ଓ କାନଧରି କହିଲେ ବାବା ଆଉ ଏମିତି ଭୁଲ ହେବନି । ଆଜିପରା ବହୁତ ଭିଡ଼ଥିଲା ସେଥିପାଇଁ ମୋର ଡେରୀ ହୋଇଗଲା । ଏଥର କିନ୍ତୁ ଆଉ ଏମିତି ଭୁଲ୍ ହେବନି । ଦୂରରୁ ସ୍କୁଲ୍ କାନ୍ଥରେ ଆଉଜି ବସିରହି ଅନୀକେତ ବାବୁଙ୍କର ଏ ଦୃଶ୍ୟ ଦେଖୁଥିଲେ ରାଜକିଶୋରବାବୁ । ଚୁମ୍ବନଗୁଡ଼ାକ ସତେଯେମିତି ତାଙ୍କୁ ପରିହାସ କରି କହୁଥିଲା, ଏ ସ୍ନେହ ଶ୍ରଦ୍ଧା କେବଳ କିଛିସମୟ ପାଇଁ ଯାହା ଭିତରେ ମଣିଷ ନିଜର ଭଲପାଇବାର ଅଙ୍କକୁ କେବଳ କଷି ଚାଲିଥାଏ । ଦିନକେତେଟା ବିତିଗଲେ ପୁଣି ସେଦିନର ସେ ଅଙ୍କର ଧାରାଗୁଡ଼ିକୁ ଭୁଲିପକାଏ ।

ଚପଳମତି ଶିଶୁଟିକୁ ମଣିଷ କରିବାରେ କେତେ ଯେ କଷ୍ଟ କରିବାକୁ ପଡେ ପିତାମାତାଙ୍କୁ । ନିଜ ଖାଇବାରୁ ଖାଇବା ସାଇତି ରଖେ ମା, ନିଜ ପିନ୍ଧିବାରୁ ପଇସାକାଟି ଭଲପିନ୍ଧାଏ, ନିଜର ସୁଖକୁ ଜଳାଞ୍ଜଳୀ ଦେଇ ଅହର୍ନିଶ ପିଲାମାନଙ୍କର ଭବିଷ୍ୟତକୁ କଳ୍ପନାର ଆଖି ଦୁଇଟିରେ ଦେଖିବସନ୍ତି ପିତାମାତା । ସପ୍ନରେ ବିଭୋର ହୋଇଯାନ୍ତି ପିଲାମାନଙ୍କୁ ଖୁସିରେ ରଖିବାପାଇଁ । ପରିଶେଷରେ ସପ୍ନଗୁଡ଼ାକ ଭାଙ୍ଗିଯାନ୍ତି । ତା'ର ଭଲପାଇବାଗୁଡ଼ିକ ସେମିତି ଦରଦୀ ସ୍ମୃତିହୋଇ ରହିଯାନ୍ତି ତାଙ୍କ ହୃଦୟ ରୂପକ ଦର୍ପଣରେ । ଅତୀତର ସ୍ମୃତିଗୁଡ଼ିକ ସାଉଁଟି ହୋଇ ରହିଯାନ୍ତି ହୃଦୟ ଦଲିଲ୍‌ରେ । ନିଜର ହଜିଲାଦିନକୁ ସାଉଁଟୁଛନ୍ତି ରାଜକିଶୋର ବାବୁ ।

ସେଦିନଥିଲା ସେପ୍ଟେମ୍ବର ପାଂଚ ତାରିଖ ସଅଳ ସଅଳ ନିତ୍ୟକର୍ମସାରି ଘରୁ ବାହାରିଗଲେ ରାଜକିଶୋର ବାବୁ । ଆଜିପରା ଗୁରୁଦିବସ । ବିଦ୍ୟାଳୟର ଗୁରୁପୂଜା ହେବ । ପିଲାମାନେ କେତେ କ'ଣ ଗୁରୁମାନଙ୍କ ଉପରେ ଭାଷଣ ଦେବେ । ଫୁଲମାଳପିନ୍ଧାଇ ଦେବେ । ଆଜି ତାଙ୍କ ଗୋଡ଼ ତଳେ ଲାଗୁନି । ବାଟରେ ସାଇକେଲରେ ଯିବାବେଳେ ହଠାତ୍ ସେଦିନ କେମିତି ଅନ୍ୟମନସ୍କ ହୋଇ ପଡିଲେ ସେ । ଆଗରୁ ଜୋର୍ କରି ମାଡ଼ିଆସୁଥିବା ଟ୍ରକ୍‌କୁ ଦେଖି ନିଜର ଭାରସାମ୍ୟ ହରାଇ ଗଡିପଡିଲେ ସେ ସାଇକେଲ୍‌ରୁ ତଳକୁ । ନିର୍ଦ୍ଦୟ ଟ୍ରକଟା ମାଡିଗଲା ତାଙ୍କ ଉପରେ । ନିଜକୁ କିଛି ସମୟପରେ ଆବିଷ୍କାର କଲେ ସେ ଡାକ୍ତର ଖାନରେ । ବିଧିର ବିଧାନ ଯାହା ତାହାହିଁ ଘଟିଯାଏ । ମଣିଷ ଯାହାଭାବେ ଭଗବାନ ତାହା ଚାହାଁନ୍ତିନି ଓ ଭଗବାନ ଯାହା ଚାହାଁନ୍ତି ମଣିଷ କିନ୍ତୁ ତାହା ମାନିବାକୁ ନାରାଜ । ସେଥିପାଇଁ ପ୍ରତିଟି ସମୟ ଗୁଡ଼ାକ ବି କେମିତି ଆଶାତୀତ ଭାବେ ଓଲଟ ପାଲଟ ହୋଇଥାଏ । ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଏକାକାର ହୋଇ ଭଗବାନଙ୍କୁ ଡାକୁଥାନ୍ତି ବାପାଙ୍କର ଆରୋଗ୍ୟ କାମନା କରି । ଦୀର୍ଘ ଦିନର ପ୍ରଚେଷ୍ଟା ପରେ ସେଦିନ ଡାକ୍ତର ବାବୁ ଘୋଷଣା କରିଥିଲେ ଯଦିଓ ଦୁର୍ଘଟଣା ପରେ ତାଙ୍କର ଅନ୍ୟାନ୍ୟ ସମସ୍ୟା ସୁଧୁରିଗଲାଣି କିନ୍ତୁ ଡାହାଣ ଗୋଡଟି ପୁରାପୁରି ଅକାମୀ ହୋଇଯାଇଛି । ସେଥିପାଇଁ ସେ ଗୋଡଟିକୁ କାଟିବାକୁ ପଡ଼ିବ । ଅପ୍ରିୟ ସତ୍ୟହେଲେ ମଧ୍ୟ ସେଦିନ ସତ୍ୟତାକୁ

ମାନିନେଇଥିଲେ ରାଜକିଶୋର ବାବୁ । ମୋର ଗୋଟିଏ ଗୋଡ଼ କଟିଗଲେ କ'ଣହେଲା ମୋ ପାଖରେ ପରା ମୋର ଦୁଇଟି ପୁଅ ଅମ୍ଳାନ ଓ ଅଶ୍ଳେଷ ଅଛନ୍ତି । ତାଙ୍କ ଗୋଡ଼ରେ ମୁଁ ଠିଆ ହେବି । ତେଣୁ ଭାଙ୍ଗିଯାଇଥିବା ମନକୁ ଯୋଡ଼ି ଦେଇ ପୁଣି ବଂଚିବାର ରାହା ଖୋଜିଥିଲେ ସେ । ଏ ଡାଳ ଭାଙ୍ଗିଲେ ସେ ଡାଳକୁ ଧରି ବଂଚିବାକୁ ତ ଜୀବନ କୁହନ୍ତି । କାହିଁକି ନା ମଣିଷ ଭାରି ଭଲପାଏ ତା ଜୀବନକୁ ତା'କୁ ବଂଚିବାକୁ ହେଲେ ସେ ଯେ କେଉଁ ବାଟବି ଆଦରି ନିଏ ।

ଦିନ କେତେଟା ପୁଅବୋହୂ ନାତି ନାତୁଣୀଙ୍କ ମେଳରେ ହସ ଖୁସିରେ ରହି ନିଜର କଟାଯାଇଥିବା ଗୋଡ଼ଟିକୁ ଭୁଲିଗଲେ ସେ । ଅହର୍ନିଶ ସେବା ଯାହା ଭିତରେ ଭୁଲିଯିବାକୁ ଲାଗିଗଲେ ସେ ତାଙ୍କର ଗୋଟେ ଗୋଡ଼କୁ ହରେଇଛନ୍ତି । ମଣିଷ ଯେତେବେଳେ ସୁଖ ଭିତରେ ଥାଏ ପୁରୁଣା ଦୁଃଖଗୁଡ଼ିକ ତାକୁ ଝପ୍‌ସା ହୋଇ ଦେଖାଯାଏ । ସେଗୁଡାକ ଭୁଲି ଯିବାକୁ ତା'କୁ ବହୁତ କମ୍ ସମୟ ଲାଗେ ।

ସମୟଗୁଡ଼ାକ ବାସ୍ତବ ହୋଇ ଅତିକ୍ରାନ୍ତ ହୋଇଯାନ୍ତି ମଣିଷ ମୁଣ୍ଡ ଉପରେ । ସମୟ ବଦଳେ ତା ସହିତ ଅମାନିଆ ମନଗୁଡ଼ାକ ବି କେମିତି ବଦଳିଯାନ୍ତି । ଭଲପାଇବାଗୁଡ଼ିକ କ୍ରୁରତା ହୋଇଯାନ୍ତି ଯଦି ସମ୍ପର୍କର ସୂତାଖିଅଟେ ଛିଣ୍ଡିପଡେ । ସେଦିନ ହଠାତ୍ ବିଛଣାରେ ଶୋଇଥିବା ବେଳେ ପାଖଘରୁ ଦୁଇପୁଅ କଥା ହେବାର ଶୁଣିଲେ ରାଜକିଶୋର ବାବୁ । ଆଉ କେତେଦିନ ଏ ବୁଢ଼ା ଆମ ବେକରେ ବନ୍ଧାହୋଇଥିବ । କରିବାର ଗୋଟେ ସୀମା ଅଛି ମୁଁ ଆଉ ଏତେ ସେବା ଯତ୍ନ କରିପାରିବିନି । ମୋର ବି ବୟସ ହେଲାଣି । ତା ସାଙ୍ଗକୁ ପିଲାଛୁଆଙ୍କ ପାଠପଢ଼ା, ଘରର ଦାୟିତ୍ୱ, ଚାକିରୀକାମ ଏସବୁ ମୁଁ ଆଉ ଏକାକୀ କରିପାରିବିନି । ଏମିତି ଏକା ନିଶ୍ୱାସରେ କେତେକ'ଣ କହିଗଲେ ଅମ୍ଳାନ । ଅଶ୍ଳେଷ ବି ନିଜର ମନକଥାଗୁଡାକ କହିପକାଇଲେ ଭାଇ ପାଖରେ ଓ ପରିଶେଷରେ ସ୍ଥିର ନିଶ୍ଚିତ କଲେ ଯେ ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବେ । ସେଠି ସେ ଭଲରେ ରହିବେ । ଆମର ଆଉ କିଛି ଦାୟିତ୍ୱ ନଥିବ । ଆମ୍ଭେ ପ୍ରତି ମାସରେ ଯାଇ ତାଙ୍କ ଭଲମନ୍ଦ ବୁଝି ଆସିବା । ଏହି ପଦିକ କଥା ଶୁଣି ନିସ୍ତବ୍ଧ ହୋଇପଡିଲେ ରାଜକିଶୋରବାବୁ । ପାଦତଳୁ ମାଟି ଫୁଲାଏ ଖସିଗଲା ପରି ଲାଗିଲା । ଆକାଶ ଟା ଛିଣ୍ଡି ପଡିଲା ପରି ଲାଗିଲା ମୁଣ୍ଡ ଉପରେ । ଏ କ'ଣ ଶୁଣୁଛନ୍ତି ସେ ? ଏଇ କ'ଣ ମୋର ଭଲ ପାଇବାର ପୁରସ୍କାର ? ରାତିରାତି ଆମେ ବାପାମାଆ କେତେ ଯେ ନ ଶୋଇ ଅନିଦ୍ରା ହୋଇଛୁ ତାଙ୍କୁ ମଣିଷ କରିବାକୁ । କେତେଥର ଭୋକ ଉପାସରେ ରହିଛୁ । ତାଙ୍କ ପାଇଁ ଘର ତୋଳିବା ପାଇଁ କେତେ ଲହୁଲୁହାଣ ନ ହୋଇଛୁ । ଆଗେ ଆମ ପିଲା ଭଲରେ ରହିବେ ସେତିକି ଆମର ଖୁସି । ନିଜର ରକ୍ତକୁ ଏକାକାର କରି ଯେଉଁ ଘରଟିଏ ତିଆରି କରିଛୁ ସେଇଠି ବି ରହିବାର ଅଧିକାର ନାହିଁ ମୋର, ଧିକ୍ ଏପରି ପିତୃତ୍ୱକୁ । ଏଇଟା ତ ଘରନୁହେଁ ଏଠି ମୋତେ ଯମ ଯନ୍ତ୍ରଣା ଭୋଗିଲାପରି ଲାଗୁଛି । ଶୁଣିଥିଲି ଏଇଠି ସ୍ୱର୍ଗ ଏଇଠି ନରକ । ଆଜି ତାକୁ ଅନୁଭବ ମଧ୍ୟ କରୁଛି । ସେଦିନ ରାତିରେ ଆଉ ନିଦ ଆସିନି ଆଖିକୁ ।

ସକାଳର ସୂର୍ଯ୍ୟଟା ସେଦିନ କେମିତି ନୂଆ ନୂଆ ଲାଗୁଥିଲା । ସକାଳୁ ସମସ୍ତେ ଉଠି ନିଜ ନିଜ ନିତ୍ୟକର୍ମରେ ବ୍ୟସ୍ତ । ସବୁକିଛି ସ୍ୱାଭାବିକ୍ ଥିଲା କିନ୍ତୁ ବ୍ୟତିକ୍ରମ ଲାଗୁଥିଲା ଘରେ ସମସ୍ତଙ୍କୁ । ଆଜି କ'ଣ ବାପା ଏତେବେଳ ଯାଏ ଉଠି ନାହାଁନ୍ତି ? ସେ ତ ସଅଳ ଉଠନ୍ତି । ଅନେକ ସମୟ ଅତିକ୍ରାନ୍ତ ହେଲାପରେ ଅମ୍ଳାନ ବାପାଙ୍କ ଘରଭିତରକୁ ଗଲେ । ବାପାଙ୍କର ଉଠିବାର ବିଳମ୍ବତାକୁ ଜାଣିବା ପାଇଁ । କିନ୍ତୁ ହାୟ ବାପାଙ୍କ ବଦଳରେ ଆବିଷ୍କାର କଲେ ବାପାଙ୍କର ହାତଲେଖା ଚିଠିଟିକୁ । ଯେଉଁଥିରେ ଲେଖାଥିଲା.......

ଗଛଟିଏ ଛୋଟ ଥିଲାବେଳେ ତା'ର ମନରେ କେତେ ଭାବନା ଥାଏ, ମୋ ଦେହରେ କିଶଳୟ ହେବ, ନବପଲ୍ଲବିତ ଡାଳରେ ବୃନ୍ତଟି ନବପୁଷ୍ପିତ ହେବ । ବୃକ୍ଷସାରା ଫଳର ସମ୍ଭାର ରେ ମୋ ଦେହ ଭରପୂର ହୋଇଯିବ । ସବୁ ସ୍ୱପ୍ନ ତ ଦିନେ ସାକାର ହୋଇଯାଏ, ଛୋଟ ଚାରାଗଛରୁ କଅଁଳିଆ ପତ୍ର ହୁଏ, ବୃନ୍ତରେ ଫୁଲ ଫୁଟେ, ଫଳ ସମ୍ଭାର ହୁଏ, ଫଳ ହେବା ପର୍ଯ୍ୟନ୍ତ ମଣିଷ ତାକୁ ଆଦର ଯତ୍ନ କରିଥାଏ କିନ୍ତୁ ଫଳ ହେଲାପରେ ତା'କୁ ମିଳେ କେବଳ ଚୋପଡ଼ ଓ ପଥର ମାଡ଼ । ଯେଉଁ ମାଡ଼ ତା ମନରେ ଅସହ୍ୟ ଯନ୍ତ୍ରଣା ଭରିଦିଏ । ପରିଶେଷରେ ସେ ଭାବେ ମୁଁ ଖାଲିଫଳ ବିହୀନ ଗଛଟିଏ ହୋଇଥାନ୍ତି କି ?

॥ ଇତି ॥

ଶେଷକଥା ଏକ ବୁଢ଼ା ବରଗଛର"

ଅଧ୍ୟାପିକା

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ

# ମନ ବୁଝେ ମନର କଥା

ସୁପ୍ରିୟା ସାହୁ

ମୋର ପରିଜନମାନଙ୍କୁ ଦେଖିଲେ ଭାରି ଆପଣାର ଲାଗେ ଇଛା ହୁଏ ଆଗକୁ ଯାଇ ବିପଦ ଦୁଃଖସୁଖ ହେବାକୁ, କିନ୍ତୁ ଚାହିଁଲେ ବି ଯାଏନି, ଲୁଚିଯିବାକୁ ଇଛା ହୁଏ । ମୁଁ ଯେତେ ଲୁଚେଇବାକୁ ଚାହିଁଲେ ମଧ୍ୟ ମୋ ନାଁଟା ମତେ ଲୁଚାଇ ଦିଏ ନାହିଁ । ଜନ୍ମ ହେଲାପରେ ସମସ୍ତେ ନାଁ ପାଇଥାନ୍ତି କିନ୍ତୁ ମୋ ଭାଗ୍ୟ, ମୋ ନାଁ ମୋ ମା ପେଟରୁ ଯୋଡ଼ା ହୋଇଛି । ନାଁଟା ଦେବସ୍ମିତ ହେଲେ ମଧ୍ୟ ମତେ ସମସ୍ତେ "ଛୋଟା' ବୋଲି ଡାକିଥାନ୍ତି, କାରଣ ମୋର ବାଁ ପାଖର ଗୋଡ଼ଟା ଅସମ୍ପୂର୍ଣ୍ଣ ଥିବାରୁ ମୁଁ ଟିକେ ଛୋଟେଇ ଚାଲେ । ତେଣୁ ଘରୁ ବାହାର ପର୍ଯ୍ୟନ୍ତ ସମସ୍ତେ ମତେ ଛୋଟା ବୋଲି ଡାକନ୍ତି । କିନ୍ତୁ ମୋର ମା' ବାପା ଚାହିଁଲେ ବି ନୀରବ ରହିଥାନ୍ତି । ଅନ୍ୟ ଉପାୟ ନପାଇ ବାପା ବହୁତ ଡାକ୍ତର ଦେଖାଇଲେ କିନ୍ତୁ ହାରିଗଲେ, ଶେଷରେ ଥକ୍କା ହୋଇ ମତେ ସବୁବେଳେ କୁହନ୍ତି ତୁ ବଡ଼ ହେଲେ ଡାକ୍ତର ହେବୁ ଆଉ ନିଜଗୋଡ଼କୁ ନିଜେ ଠିକ୍ କରିବୁ ।

ସମୟ ବଦଳି ଚାଲିଲା, ବୟସ ବି ବଢ଼ି ଚାଲିଲା, ବାପାଙ୍କ ସପ୍ନ ପୂରଣ ହେଲା । କିନ୍ତୁ ବାପା ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଜୀବନ ରାସ୍ତାରେ ଏକା ଏକା ଚାଲିବାକୁ କଷ୍ଟହୁଏ, ମୋର ସେହି ରୋଗୀଣା ମା'କୁ ନେଇ । ହସ ଲାଗେ ଯେତେବେଳେ ମୋ ସାଙ୍ଗମାନେ ମତେ ଚିଡ଼ାନ୍ତି କୌଣସି ଝିଅ ସହିତ ମୋ ନାଁକୁ ଯୋଡ଼ିକରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହଷ୍ଟେଲରେ । କିନ୍ତୁ ଯୌବନର ସମୟରେ ଅନେକ ଝିଅଙ୍କୁ ନେଇ ମୁଁ ବହୁତ ସପ୍ନ ଦେଖେ । କିନ୍ତୁ ସମୟର ସ୍ରୋତରେ ସମସ୍ତ ହାତଛଡ଼ା ହୋଇଯାଆନ୍ତି । ମନେ ପଡ଼େ ଆମ ଗାଁର ବାଲ୍ୟବନ୍ଧୁ ବିଶ୍ବ କଥା, ସେ ମତେ କହେ ଝିଅମାନେ, ଭଲଘର ଦେଖନ୍ତି ନହେଲେ ଭଲ ବର ଦେଖନ୍ତି । ଏ ଦୁଇଟା ଯାକତ ମୋ ପାଖରେ ନାହିଁ । ବାପାଥିଲେ ସାଧାରଣ କୃଷକ । ଜମିରୁ ଯାହା ଆସେ ଆମର ଖର୍ଚ୍ଚରେ ଉଣା ହୁଏ । ପୁଣି ମୋ ପାଠ ପଢ଼ା ବେଳରେ ବାପାତ ଅଧାରୁ ଅଧିକ ଜମିବାଡ଼ି ବିକି ସାରିଛନ୍ତି । ସମ୍ବଳ କହିଲେ ଗୋଟିଏ ଛୋଟ ଇନ୍ଦିରା ଆବାସ ଯୋଜନାର ଘର । ଆଜି ମୁଁ ରୋଜଗାର କରିବାରୁ ଆଉ ଟିକେ ବଡ଼ କରି ଘର କରିଛି । କିନ୍ତୁ ସେ ଘରକୁ କଣ ଏ ପାଠ ପଢ଼ୁଆ ଝିଅମାନେ ପସନ୍ଦ କରିବେ । ସେ ଯାହା ହେଲେ ଆମ କଲେଜର ଜୁନିୟର ଝିଅଟା କିନ୍ତୁ ମୋର ଭିନ୍ନକ୍ଷମକୁ ପ୍ରାୟ ନାପସନ୍ଦ କରେନି । ସେତ ମୋ ସାଙ୍ଗରେ ବହୁତ ସମୟ ଧରି କଥା ହୁଏ । କାରଣ ମୁଁ ବୁଝି ପାରେନା, ସେ କ'ଣ ଆମ ଗାଁର ବଇଦଙ୍କ ଝିଅ ସୁମିପରି ହେବ ।

ସୁମି ଆଉ ମୁଁ ଏକା ସାଙ୍ଗରେ ଗୋଟିଏ ଚାଟଶାଳୀରେ ପଢ଼ୁଥିଲୁ । ଦଶମ ପାସ୍ ପର୍ଯ୍ୟନ୍ତ ସେ ମୋ ସାଙ୍ଗରେ ପଢ଼ୁଥିଲା । ସେ ମୋର ପ୍ରଥମ ପ୍ରେମ ଥିଲା । ତାକୁ ନେଇ ମୁଁ ଅନେକ ସପ୍ନ ଦେଖୁଥିଲି । ଆଜି ପର୍ଯ୍ୟନ୍ତ ତାର ହାତ ଲେଖା ଚିଠି ଗୁଡ଼ିକ ମୋ ପାଖରେ ଅଛି । କିନ୍ତୁ କଲେଜ ପଢ଼ିଲା ବେଳକୁ ସୁମି ମୋ ଠାରୁ ଅଲଗା ହେଇଗଲା । ସେ ଗାଁ କଲେଜରେ ପଢ଼ିଲା ଆଉ ମୁଁ କଟକର ରେଭେନ୍ସା କଲେଜରେ ସାଇନ୍ସ ପଢ଼ିଲା । ସୁମି ବଡ଼ ହେବା ସଙ୍ଗେ ସଙ୍ଗେ ବହୁତ ସୁନ୍ଦର ଦେଖାଯାଉଥିଲା, ତାର ଅନେକ ସାଙ୍ଗଥିଲେ । ତା'ର ସାଙ୍ଗ ମଧ୍ଯ ଆମ ଭିତରେ ଥିବା ସମ୍ପର୍କ ବିଷୟରେ ସବୁ ଜାଣିଥିଲା, ସେ କଲେଜରେ ସବୁ କଥା ଅନ୍ୟ ସାଙ୍ଗମାନଙ୍କୁ କହିଥିଲା । ତା'ପରେ ମୋ ନାଁରେ ସମସ୍ତେ ତାକୁ ଛୋଟାକୁ ଛୋଟି ବୋଲି ଡାକୁଥିଲେ । ଏହାସହିତ କହୁଥିଲେ- ଅନ୍ଧ ରାଜା ଧୃତରାଷ୍ଟ୍ର ପାଇଁ ତାଙ୍କ ରାଣୀ ଗାନ୍ଧାରି ଯେପରି ସବୁଦିନ ପାଇଁ ନିଜ ଆଖିରେ ପଟି ବାନ୍ଧି ଦେଇଥିଲେ, ତେଣୁ ତୁ ଯାଇ ଗୋଟିଏ ଗୋଡ ଭାଙ୍ଗି ଦେ ତୋ ଛୋଟା ସାଙ୍ଗରେ ଛୋଟି ଭଲ ମ୍ୟାଚ କରିବ । ଅନେକ କଥା ଶୁଣି ଶୁଣି ସୁମି ବିରକ୍ତ ହେଉଥିଲା, ସତେଯେପରି ଏହା ଥିଲା ଆମ ସମ୍ପର୍କର ବିଡ଼ମ୍ବନା । ଦିନେ ସକାଳେ ସୁମି ମତେ ଡାକି ପଚାରିଥିଲା, ଆଉ କେତେଦିନ, କେତେ ଦିନ ? ମୁଁ ଆଉ ସହି ପାରୁନି । ମୁଁ ପଚାରିଲି କ'ଣ ହେଲା ମତେ ଟିକେ ଖୋଲିକରି କହ ? ସେ ଜବାବ ଦେଲା ସମସ୍ତେତ ମତେ ତମ ଲାଗି ଚିଡ଼ାଉଛନ୍ତି । ମୁଁ ଆଉ ସହିପାରୁନି । ଆଉ ଏ ତ ସତକଥା ତମେ ତ ଭିନ୍ନକ୍ଷମ ଅଟ । ଆଉ କେତେଦିନ ତମ ହାତ ଧରି ଚାଲିବ ଯିଏ ତ ନିଜ ଗୋଡ଼ରେ ଚାଲି ପାରୁନି । ମତେ ଲାଗୁଛି ମୁଁ ଏ ସମ୍ପର୍କ ରଖିବାର ଆଉ କୌଣସି କାରଣ ନାହିଁ ।

ବହୁତ ସମୟ ଅନୁଭବ କଲି ଭାବିଲି, ସତ୍ୟ ସବୁବେଳେ ସତ୍ୟ, ତା ଠାରୁ ଆମେ ଦୂରେଇ ଯାଇ ପାରିବା ନାହିଁ । ରାତିରେ ଶୋଇ ପାରିଲି ନାହିଁ । ସୁମି ଠାରୁ ବିଚ୍ଛେଦ କିନ୍ତୁ ଛାତିକୁ ପଥର କରି ଗୋଟିଏ ଚିଠି ଲେଖିଲି ଆମର ସମ୍ପର୍କର ପୂର୍ଣ୍ଣଚ୍ଛେଦ ପାଇଁ । ତା ପରଠାରୁ ଆଉ ସୁମି ସାଙ୍ଗରେ କିଛି ସମ୍ପର୍କ ନଥାଏ ।

# ଅସପନ ବଣିକ : ନଳିଆ

ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଆଖିରେ ଚମକ ନାହିଁ, ସପନ ନାହିଁ। ଶେତା ଶେତା ମୁହଁରେ ଭିତରକୁ ପଶିଯାଇଥିବା ଆଖି ଦୁଇଟି ପେଙ୍କୁଆ ପେଙ୍କୁଆ। ଦେହ ତ ନୁହଁ ଯେମିତି ବିଜ୍ଞାନାଗାରରେ ଝୁଲୁଥିବା କଙ୍କାଳଟେ ଆସି ଲୋକଗହଳିରେ ବୁଲାଚଲା କରୁଛି। ହଁ ଦେହ ଉପରେ ଚର୍ମଟା ହିଁ ଢ଼ାଙ୍କି ହୋଇଛି କେବଳ। ପେଟରେ ସବୁବେଳେ ଭୋକ। ହେଲେ ଅନେକ ସମୟରେ ଭୋକକୁ ଭୁଲାଇବା ପାଇଁ ଶୋଷକୁ ନିଜରକରିବାକୁ ପଡେ। ମାନେ ଭୋକ ହେଲାତ ନଳକୂଅ ପାଖକୁ ଯାଇ ଢ଼କ୍ ଢ଼କ୍ ପେଟ ପୂରିବା ଯାଏଁ ପାଣି ପି' ପକାଏ। କେବେ କେମିତି ପେଟ ପୂରିଗଲା ତ ଓଃ.... କି, ଶାନ୍ତି। ବାସ୍..... ଏଇଠି ହିଁ ଜୀବନର ସବୁ ଆଗତ ଭବିଷ୍ୟତର ପରିସମାପ୍ତି।

ଏତେ କଥା ଯେଉଁ ଲୋକ ବିଷୟରେ, ସେ ରହେ ନିହାତି ଏକ ମଫସଲ ଗାଁ ରେ। ଗାଁ ରେ ତା'ର କେହି ନାହିଁ କି ତା'ର ନିଜସ୍ୱ ବୋଲି କିଛି ନାହିଁ। ଯେମିତି ତା'ର ଭବିଷ୍ୟତ କ'ଣ ତାକୁ ଜଣା ନାହିଁ ସେମିତି ଅତୀତକୁ ମଧ୍ୟ ସେ ଯେମିତି ଜାଣିଶୁଣି ପାସୋରି ଦେବାକୁ ଚାହିଁଛି। କାହାକୁ କିଛି କହେନି। ହଁ, ଜାଣିବା ଶୁଣିବା ଗାଁ ଲୋକେ କହନ୍ତି - ଏ ଲୋକ ଅନେଶତ ବାତ୍ୟା ପରେ ପରେ ଏ ଗାଁ କୁ ଆସିଥିଲା। ଏକୁଟିଆ, ଖୁବ୍ କମ୍ ବୟସର ବଳଟେ ପିଲା ଭାବରେ। ଆଜି ସେ ଲୋକଟେ ହେଲାଣି।

"ଏ ନଳିଆ, ଆ' ଖେତକୁ ଯିବା।" ଗାଁର ଜଣେ ଥିଲାବାଲା ଲୋକ ସୁରେଶ ଡାକିଲା। "ହଁ, ଯାଉଛି।" ନଳିଆକୁ ଗାଁର ଯାହାର ଯେଉଁ କାମ ଥିବ, ସେହି ସମୟରେ ହିଁ ଡାକିନିଅନ୍ତି। କିନ୍ତୁ ନଳିଆର ବଳବପୁକୁ ଦେଖି ତା'ଠୁ ଯେ କିଛି ବେଶୀ କାମ ଆଦାୟ କରିହେବ, ଏ ଆଶା ସେମାନଙ୍କଠି ନଥାଏ। ନଳିଆ କିନ୍ତୁ ଖୁବ୍ ମନ ଲଗାଇ କାମ କରେ। ଝାଳନାଳ ହୋଇ ନିଜର ସବୁ ବଳକୁ ଖଟାଏ। ଯାହା ଖେତରେ କାମ କରେ ସେମାନେ ହିଁ ଯେତିକି ଦିଅନ୍ତି ତାକୁ ହିଁ ଖାଇନିଏ ଓ ଆସି ଗାଁ ଭାଗବତ ଟୁଙ୍ଗୀର ବାରଣ୍ଡା କୋଣରେ ନିଘୋଡ ନିଦରେ ଶୋଇପଡେ।

ନଳିଆକୁ କେବେ କେମିତି କିଏ ଦୁଇ-ଚାରିଖଣ୍ଡ ପୁରୁଣା ଲୁଗା ଦେଇ ଦିଅନ୍ତି ତ କିଏ କିଏ ଦୁଇ-ଚାରି ଟଙ୍କା ଧରାଇ ଦିଅନ୍ତି। କିଏ ମୁଢ଼ି ମୁଠେ, ବିସ୍‌କୁଟ ଦୁଇ-ଚାରିଟା, ଚଣା ମୁଠେ, ବାସି ଚକୁଳି ପିଠା ଖଣ୍ଡେ ବଢ଼େଇ ଦେଇ ଥାନ୍ତି ହାତକୁ। ନଳିଆ ତା'ବଦଳରେ ବୋଲହାକ କରି ଦି'ଚାରିଟା କାମ ବି ନଳିଆ ଠାରୁ ଆଦାୟ କରିନିଅନ୍ତି।

ଗାଁରେ ପୂନେଇପରବ ବେଳେ ନଳିଆକୁ ଖୁବ୍ ଖାଇବାକୁ ମିଳେ। ମଣ୍ଡା, ଝୁଟିପତ୍ର ପିଠା, ଆରିସାରେ ତା'ର ଗାମୁଛା ଯେମିତି ଭରିଯାଏ। ତିନି ଦିନ ଯାଏଁ ସେଇ ପିଠାକୁ ଖାଏ।

ନଳିଆ କେବେ ବି ପରିଶ୍ରମକୁ ଡରେ ନାହିଁ। କାହା ଆଗରେ ହାତ ପତାଏ ନାହିଁ। କାହା ଆଗରେ ହାରିଗୁହାରୀ କରେ ନାହିଁ। କାହା ପାଦକୁ ଧରି କାକୁତି ମିନତି ହୁଏ ନାହିଁ କି କାହା ପାଖରୁ କିଛି ଚୋରି କରି ଆଣେ ନାହିଁ। ହକ୍ କାମକରେ– ଯାହା ବି ମିଳେ ତାକୁ ଖାଇ ଦିନଟେ ବିତାଇ ଦିଏ।

ନଳିଆର କାହା ଉପରେ କିଛି ଅଭିଯୋଗ ନାହିଁ। ତା' ଉପରେ ବି କାହାରି କିଛି ଆଶା ନାହିଁ। ଜୀବନଟେ କେଡେ

ସୁରୁଖୁରୁରେ ଚଳେ । ବିନା ସପ୍ନରେ, ବିନା ଆକାଂକ୍ଷାରେ ଜୀବନଟେ ଯେମିତି ଆଗକୁ ଆଗକୁ ଠେଲି ହୋଇ ଯାଉଥାଏ ।

ନଳିଆ କେବେ ମୁହଁ ଶୁଖାଇ ବସିଥିବାର ଗାଁର କେହି ଦେଖିନାହାନ୍ତି । ସବୁବେଳେ କିଛି ନା କିଛି ଗୁଣୁଗୁଣାଉଥାଏ। ସମସ୍ତଙ୍କ ସହ ହସି ହସି କଥା କୁହେ । ସମସ୍ତଙ୍କ ବୋଲହାକ ମାନେ । ଯିଏ ଯାହା ଦେଲେ ଖୁସି ମନରେ ତାକୁ ଗ୍ରହଣ କରେ ।

ନଳିଆକୁ ଦେଖିଲେ ଗୋଟେ ପ୍ରକାର ଅଜବ ଲାଗେ । ଅଜବ ଏଇଥିପାଇଁ ଯେ ଏ ଲୋକର ଦୁଃଖ ଯଦି ଗଣାଯିବ, ତା'ର ତ ହିସାବ ମିଳିବ ନାହିଁ । କିନ୍ତୁ ବେଳେ ବେଳ ଲାଗେ ନଳିଆ କେଉଁ ସୁଖର ଜୀବନ ଜିଉଁଛି ଯେ ! ତେଣୁ ତା ହାଡୁଆ ମୁହଁରେ ଚିନ୍ତାର ସାମାନ୍ୟତମ ସୂଚନା ଦେଖିବାକୁ ମିଳେ ନାହିଁ ।

ନଳିଆ ଗାଁ ପିଲାମାନଙ୍କୁ ଖୁବ୍ ଭଲପାଏ । ତାଙ୍କ ସହ ଖେଳେ । ଖେଳେ ନାହିଁ, ବରଂ ତାଙ୍କ ଖେଳରେ ସାହାଯ୍ୟ କରେ । ଯେମିତି କ୍ରିକେଟ୍ ବଲ୍‌କୁ ଦୂର ଜାଗାରୁ ଗୋଟାଇ ଆଣେ । ଆଉଟ୍ ହୋଇଯାଇଥିବା ଫୁଟବଲ୍‌କୁ ଧଇଁସଇଁ ହୋଇ ଦଉଡ଼ି ଯାଇ ନେଇଆସେ । ପିଲାମାନେ ଦାଣ୍ଡରେ ଦୌଡ଼ାଦୌଡ଼ି କରୁଥିଲେ ସେ ଗୋଟେ ଜାଗାରେ ନିର୍ବାକ ଭଳି ଠିଆ ହୋଇ ଆରମ୍ଭ କି ଶେଷ ଚିହ୍ନ ପାଲଟେ ।

ନଳିଆ କଥାକୁ ଯେତେ ଭାବିଲେ ସେତେ ଆଶ୍ଚର୍ଯ୍ୟ ଲାଗେ । ଲାଗେ ଏ ଲୋକ ବଂଚିଛି ତ, ସେ ପୁଣି ବେଶ୍ ହସ ଖୁସିରେ । ଘର ଦ୍ୱାର ନାହିଁ, ପଇସା ପତ୍ର ନାହିଁ, କିଛିବୋଲି ତ କିଛି ନାହିଁ ତା' ପାଖରେ । ଏକାନ୍ତ ନିଃସ୍ୱ । ହେଲେ ନଳିଆ ଖୁସିରେଥିବା ପରି ଗାଁର କେହି ତ ଲାଗନ୍ତି ନାହିଁ । ଏତେ ଏତେ ଜମିବାଡ଼ି, ଏତେ ଏତେ ଧନ ଦୌଲତ, ଏତେ ଏତେ ପଦପଦବୀରେ ଥିବା ଗାଁ ଲୋକ ତ ସବୁବେଳେ ଚିନ୍ତାର ଭାରରେ ଯେମିତି ବୋଝେଇ ହୋଇ ପଡିଥାନ୍ତି । ଧନ,ଦୌଲତ ସାଇତିବାରେ କିମ୍ବା ଧନ, ଦୌଲତ ବଢ଼ାଇବା ପାଇଁ କେତେ କେତେ ଧାଁ, ଧପଡ଼ କରୁଥାନ୍ତି । ଧନ,ଦୌଲତ ପାଇଁ ପିଟାମରା ବି ହୁଅନ୍ତି । ଚାକିରୀ-ବାକିରୀ ପାଇଁ ସେମାନେ କେଉଁ କେଉଁ ସ୍ତରକୁ ନ ଓହ୍ଲାନ୍ତି । ହେଲେ ନଳିଆର ହୋଲ୍ ନାହିଁ, ଡୋଲ୍ ନାହିଁ ।

ଦିନେ ନଳିଆକୁ ଜଣେ ଯାଇ ପଚାରୁ ପଚାରୁ ପଚାରି ଦେଲା -

"ନଳିଆ, ତୋର ମନରେ କ'ଣ କିଛି ସପ୍ନ ନାହିଁ ?"

ନଳିଆ ତା' ମୁହଁକୁ ବଲ ବଲ କରି ଅନାଇଲା ।

"ଆରେ ପଚାରୁଛି ପରା, ତୋର ଭବିଷ୍ୟତ ଆଶା, ଆକାଂକ୍ଷା ନାହିଁ ?"

ନଳିଆ ତା' ମୁହଁକୁ ସେଇମିତି ବଲବଲ କରି ଅନାଇଲା ।

ଆରେ, ତୁ ଆଗକୁ କ'ଣ ହେବୁ ? ତୋର ଘରଦ୍ୱାର
ତୋର ସୁଖ, ସୁବିଧା, ତୋର ସପ୍ନ ?

ନଳିଆ ଏଥର ନ ହସି ରହି ପାରିଲା ନାହିଁ ।
ଫେଁକିନା ହସିଦେଲା, ହେଲେ ପ୍ରଶ୍ନ ପଚାରୁଥିବା
ଲୋକକୁ ଲାଗିଲା ଯେମିତି ନଳିଆ ହସୁନାହିଁ ତ
ତା' ଗାଲରେ ଠୋ' କିନା ଚାପୁଡ଼ା ଟେ ମାରିଦେଲା ।

ନଳିଆ ସେମିତି ହସି ହସି ଗୁଣୁଗୁଣାଇ ଗୁଣୁଗୁଣାଇ ସେଠାରୁ ଚାଲିଗଲା ।

ଅଧ୍ୟାପକ
ଖ୍ରୀଷ୍ଟ ମହାବିଦ୍ୟାଳୟ
କଟକ

# କଣ୍ଢେଇର ନାଁ "କାହ୍ନା"

– ବିଜୟ କୁମାର ସାହୁ

**ଘରେ କେହି ନାହାନ୍ତି ।** ଏକମାତ୍ର ଝିଅଟି ସ୍କୁଲ ଯାଇଛି । ପାଞ୍ଚ ମହଲାର ବାଲ୍‌କୋନିରେ ଝୁଲୁଥିବା ଦୋଳିରେ ବସି କେତେ କ'ଣ ଭାବି ଚାଲିଛି ସେନାକ୍ଷୀ । କାଠଯୋଡ଼ି କୂଳ ମେଟ୍ରୋ ବିଲଡର୍ସର ଆପାର୍ଟମେଣ୍ଟ୍‌ର ସୁଲୁସୁଲୁ ପବନରେ ଆଖିପତା ନଇଁ ଆସୁଛି ଧିରେ ଧିରେ । ମନର ଅସୁମାରୀ ସ୍ୱପ୍ନ ଧୂଳିସାତ୍ ହେଇଯାଇଛି ସୋନାକ୍ଷୀର । ମନଲାଖି ମନ ଚିହ୍ନିଲାଭଳି ସ୍ୱାମୀଟି ଭାଗ୍ୟ ଦେଇଛି ତା'ହାତ ମୁଠାରେ । ହେଲେ ମନଟା କେମିତି କେମିତି ଲାଗୁଛି । କିଛି ଭଲ ଲାଗୁନାହିଁ ଜମା ।

ହଠାତ୍ କଲିଂ ବେଲ୍ ବାଜି ଉଠିଲା । ଶୁଣି ନ ଶୁଣିଲା ଭଳି ବସିଥାଏ ସୋନାକ୍ଷୀ । ପୁଣି ବାଜି ଉଠିଲା ସେଇ ଶବ୍ଦ । ନାଃ କେହି ତାକୁ ଶାନ୍ତି ଟିକିଏ ଦେବେ ନାହିଁ । ସବୁ ଦୁଃଖକୁ ଭୁଲିବାକୁ ଚେଷ୍ଟା କଲାବେଳକୁ କେହି ନା' କେହି ତାକୁ ଡିଷ୍ଟର୍ବ୍ କରିଚାଲିଛି । ପୁଣି କଲିଂ ବେଲ୍ ଶବ୍ଦରେ ବାଧ୍ୟ ହୋଇ ବିରକ୍ତ ମୁହଁରେ କବାଟ ଖୋଲି ଦେଖିଲା– କୋରିଅର୍‌ବାଲା ହାତରେ ପ୍ୟାକେଟ୍ ଧରି ଠିଆ ହୋଇଛି । କୋରିଅର୍‌ବାଲା କାଗଜରେ ଦସ୍ତଖତ କରିଦେଇ କବାଟ ବନ୍ଦ କରି ଫେରିଆସୁ ଆସୁ ପ୍ୟାକେଟ୍‌ର ବାମପଟ ଫ୍ରମ୍ ଜାଗାରେ ନଜର ପଡ଼ିଲା । ଓଃ– ବମ୍ବେ ଲୀଳାବତୀ ହସ୍‌ପିଟାଲରୁ ଆସିଛି । ପ୍ୟାକେଟକୁ ଖୋଲିବାକୁ ଇଚ୍ଛା ନଥିଲେ ବି' ସ୍ୱାମୀଙ୍କ ଅନୁପସ୍ଥିତିରେ ଖୋଲି ଦେଖିଲା– ଚାରୋଟି ଫଟୋ । ଫଟୋ ଦେଖୁ ଦେଖୁ ସୋନାକ୍ଷୀ ମୁଣ୍ଡଟା କେମିତି ଘୁରିବାକୁ ଲାଗିଲା ! ଲୀଳାବତୀ ହସ୍‌ପିଟାଲ୍‌ରେ ତା'ପେଟର ଛୁଆଟିକୁ ନେଇଗଲେ ସେଦିନ । ଆଃ– କି ଦୁଃଖ ! କି'ସୁନ୍ଦର ଛୁଆଟି ପେଟଭିତରେ ବଢ଼ି ଚାଲିଥିଲା । ଡାକ୍ତର ସ୍କାନିଂ କରି କହିଥିଲେ– ପିଲାଟି ଟିକେ ବଡ଼ ହୋଇଯାଇଛି । ଜନ୍ମବେଳେ ଟିକେ କଷ୍ଟ ହୋଇପାରେ । ଏ ଜୀବନରେ ପୁତ୍ରମୁହଁ ସୋନାକ୍ଷୀ ସତରେ ଦେଖିବ ! ହେ ପ୍ରଭୁ ! ଯାଁ'କୁ ତାକୁ ମୁହଁ କେମିତି ଦେଖେଇବ ସେ ? ହେଲେ - ସବୁ ପାଣି ଫୋଟକା ପରି କେଉଁଆଡ଼େ ମିଳେଇ ଗଲା !

ମନଟା ଭାଙ୍ଗିଯାଇଛି ଚୂର୍‌ମାର୍ ହୋଇ । ଆଃ ଛାତିଟା କେମିତି କଷ୍ଟ-ଯନ୍ତ୍ରଣାରେ ଦଗ୍ଧ ହେବାକୁ ଲାଗିଲା । କେହି ନାହିଁ ପାଖରେ ପ୍ରବୋଧନା ଦେବାପାଇଁ । ସେକେଣ୍ଡ୍ ଇସୁ ମାଆ ଉପରେ ବିଶେଷକରି କିଡ୍‌ନୀ ଉପରେ ପ୍ରଭାବ ପଡ଼ିବ ବୋଲି ଡାକ୍ତର ବାରମ୍ବାର କହିଥିଲେ । ସବୁଜାଣି ଶୁଣି ସୋନାକ୍ଷୀ ଭାଗ୍ୟ ସହିତ ଚାଲେଞ୍ଜ ଲଗେଇ ଦେଇଥିଲେ ମନ ଭିତରେ । ହେଲେ ମେଡିସିନ୍, ଟଙ୍କାର ଗଦାକୁ ଭରସା କରି ସେ ହାରିଯାଇଛି । ସମ୍ପୂର୍ଣ୍ଣ ହାରିଯାଇଛି ସେ । ମେରୁଦଣ୍ଡର ପ୍ରତିଟି ହାଡ଼ଗଣ୍ଠି ଭାଙ୍ଗି ପଡ଼ିଛି ଯେମିତି । ଦୃଢ଼ଭାବରେ ସଳଖି ଠିଆ ହେବାର ସାହସଟା ହରେଇ ବସିଛି ସେ । ଚାରୋଟି ଫଟୋ ଦେଖି କେଉଁ ମାଆର ହୃଦୟ ସମ୍ଭାଳି ପାରିବ ଯେ । କି' ସୁନ୍ଦର ଗୁଲୁଗୁଲିଆ ଗୋରା ମୁହଁଟା ଆହା ! ଗୋଲ ଗୋଲ ଆଖି ସାଙ୍ଗକୁ ଉଚ୍ଚା ନାକ ଆଉ ଲାଲ ଓଠ । କଳାବୁଟିରେ ମୁଣ୍ଡସାରା ବିଛେଇ ହୋଇଛି ଯେମିତି । ପୂର୍ବ ଦୁଃଖ ସବୁକୁ ଭୁଲିବାକୁ ଚେଷ୍ଟା କଲାବେଳକୁ ଏହି ଫଟୋ ଚାରୋଟି ତା'ର ବଞ୍ଚିବାର କ୍ଷମତାକୁ ଦୁର୍ବଳ କରିବାକୁ ଲାଗିଲା । ପିଠି ପଛରେ ଶାଗୁଆନ୍ କାଠର ଚେୟାର୍ ଥାଇ ମଧ୍ୟ ତା'ର ବିଶ୍ୱାସ ହେଉ ନଥାଏ– କାଳେ ସେ ପଡ଼ିଯିବ । ଦୁନିଆରେ କାହାକୁ ଆଉ ତା'ର ବିଶ୍ୱାସ ହେଉ ନାହିଁ । କେବଳ ଗରମ ଲୁହ କେତେବୁନ୍ଦା ତା'ର ସାଥୀ ମାତ୍ର । ଭାରସାମ୍ୟ ହରାଇ ଚେୟାର ଉପରେ ମୁଣ୍ଡ ଲଗେଇ ଆଖିବନ୍ଦ୍ କରି ଶୋଇବାକୁ ଚେଷ୍ଟା କରୁଥିଲା ସେ ।

ଶୂନ୍ୟରେ ମୁଣ୍ଡଟା ଘୁରୁଥିଲା ଯେମତି ସୋନାକ୍ଷୀର । ହଠାତ୍ କଲିଂ ବେଲ ବାଜି ଉଠିଲା–

କବାଟ ଖୋଲିବାକୁ ଇଚ୍ଛା ଥିଲେ ବି' ସେ ଉଠିପାରୁ ନଥିଲା । ଦେହରେ ବଳ ନାହିଁ । ଅବଶ ଦେହରେ, କ୍ଲାନ୍ତ, ହତାଶ ମନଟା ଅକୁହା ବେଦନାରେ ପୂରାପୂରି ଚୂର୍ଣ୍ଣିଭୂତ ହୋଇଯାଇଛି । ପୁଣି ଥରେ କଲିଂ ବେଲ୍ ବାଜି ଉଠିଲା –

ଭାରାକ୍ରାନ୍ତ ଟଳମଳ ମୁଣ୍ଡରେ ହାତର ସାହାରା ନେଇ ସୋନାକ୍ଷୀ ଉଠିବାକୁ ଚେଷ୍ଟାକଲା । ଏବେ ତ' ସ୍ୱାମୀ କି'

ଝିଅ ଆସିବା ସମୟ ହୋଇନାହିଁ । ତେବେ କିଏ ଆସିଥିବେ । ଘଣ୍ଟା କୁ ଦେଖିଲା– ଅପରାହ୍ନ ଚାରିଟା ।

ପୁଣି ତୃତୀୟ ବାର କଲିଂ ବେଲ୍ ବାଜିଉଠିଲା –

ଓଃ, ଯାଉଛି ବାବା ! କହି ଧଡ଼ପଡ଼ ହୋଇ ଉଠିଚାଲିଗଲା କବାଟ ଖୋଲିବାକୁ । କବାଟ ଖୋଲି ଦେଖିଲା ସାନ ଭଉଣୀ ସ୍ୱପ୍ନା ଆଉ ବଡ଼ ଭଉଣୀ ନନ୍ଦିତା ଠିଆ ହୋଇଛନ୍ତି । ସ୍ୱପ୍ନା କୋଳରେ ଶିଶୁଟିଏ । ଆରେ ତୁମେମାନେ କି ! କବାଟ ଖୋଲୁ ଖୋଲୁ ସୋନାକ୍ଷୀ କହିଲା "ମୁଁ ଭାବିଥିଲି ଆଉ କିଏ ବୋଲି । ଆସ-ଆସ ଏଇ ବାଲ୍‌କୋନିରେ ବସିବା । ସ୍ୱପ୍ନା କୋଳରେ ଏକ ବର୍ଷର ଶିଶୁପୁତ୍ରଟି ଆଖି ବଡ଼ ବଡ଼ କରି ଚାହୁଁଥିଲା । ପାଖରେ ଏକ ପ୍ଲାଷ୍ଟିକ୍ ବଲ୍ ପାଇ ଶିଶୁଟି ଖେଳିବାକୁ ଲାଗିଗଲା । ବାଲ୍‌କୋନିରେ ଝୁଲୁଥିବା ଦୋଳିରେ ଫଟୋଚାରୋଟି ସେମିତି ବିଛାଡ଼ି ପଡ଼ିଥାଏ । ମୁଁ ଟିକେ ଆସୁଛି କହି ସୋନାକ୍ଷୀ ଚା' ତିଆରି କରିବାକୁ ରୋଷେଇ ଘରକୁ ଚାଲିଗଲା । ଦୁଇ ଭଉଣୀ ସେମିତି ବସି ସୋନାକ୍ଷୀର ହାବଭାବ ଦେଖୁଥିଲେ ସେ' ନୀରବ କାହିଁକି ? ତା'ର ମନଟା ଉଦାସଭାବ ଲାଗୁଛି କାହିଁକି ! ସନ୍ଦେହ ମନରେ ନନ୍ଦିତା ରୋଷେଇ ଘରେ ପହଞ୍ଚି ଦେଖିଲା– ଗ୍ୟାସ୍ ଚୁଲାରେ ସସ୍‌ପେନ୍ ବସାଇ ଛିଡ଼ାହୋଇ ଆଙ୍ଗୁଳିରେ ପାଣି ଗାର ଟାଣି ଚାଲିଛି । ସୋନାକ୍ଷୀ ସସ୍‌ପେନ୍‌ରେ ପାଣି ଢାଳି ନାହିଁ । ଗରମ ହୋଇ ଧୂଆଁ ବାହାରିଲାଣି କେତେବେଳୁ ! ଆଶ୍ଚର୍ଯ୍ୟ ହୋଇ ନନ୍ଦିତା ପଚାରିଲା– ଆରେ କ'ଣ କରୁଛୁ ଏଠି ? ଚା' କରିବାକୁ ଆସି ସସ୍‌ପେନ୍‌ରେ ପାଣି ନ ଢାଳି ଦେଖିଲୁ କେତେ ଧୂଆଁ ବାହାରିଲାଣି ? କ'ଣ ତୋର ହୋଇଛି କହିଲୁ ? ନାଃ, କିଛି ନାହିଁ କହି ସୋନାକ୍ଷୀ ଆଖିରୁ ଲୁହ ପୋଛିଲା ।

ତୁ କାନ୍ଦୁଛୁ !!!

ବାଲ୍‌କେନିରେ ବସି ସ୍ୱପ୍ନା ଦୋଳିରେ ବିଛାଡ଼ି ହୋଇଥିବା ପେଟଭିତର ଶିଶୁ ଫେଟୋ ସବୁକୁ ଦେଖୁଥିଲା । ବହୁତ ମନ ଦୁଃଖ କରି ମନମାରି ବସିବାକୁ ଚେଷ୍ଟା କରୁଥିଲା ସେ । ରୋଷେଇ ଘରେ ଦୁହିଁଙ୍କ କଥାବାର୍ତ୍ତା ଶୁଣି ସ୍ୱପ୍ନା ଆସି ଦେଖେତ' ନନ୍ଦିତା ସୋନାକ୍ଷୀର ଆଖିରୁ ଲୁହପୋଛୁଛି ।

ଚା' ଫୁଟି ଆସିଲାଣି ।

କପ୍‌ରେ ଚା'ଛାଣି ନନ୍ଦିତା କହିଲା– ଆ, ବାଲ୍‌କୋନିରେ ବସିବା ଆସ୍ । ସ୍ୱପ୍ନା ପୂରା ଚୁପ୍ ହୋଇ ନିଜପୁତ୍ର ଆଡ଼କୁ ନିଘା ରଖିଥାଏ । ବେଳେବେଳେ ଏ– କ'ଣ କରୁଛୁ କହୁଥାଏ ।

ବାଲ୍‌କୋନିରେ ତିନି ଭଉଣୀ ବସିଥା'ନ୍ତି । ଟିକେ ଦୂରରେ ଗାଡ଼ିମୋଟର ଶବ୍ଦରେ ମନର ଚିନ୍ତାକୁ ଦୂରୀଭୂତ କରିଦିଏ ବେଳେବେଳେ । ସମସ୍ତେ ଚୁପ୍‌ଚାପ୍ ଦେଖି ନନ୍ଦିତା କହିଲା– ଆରେ ଚୁପ୍‌ଚାପ୍ କାହିଁକି ? ତୋ' ଘରକୁ ଆମେ ଆସିଛୁ- ତୋର ଏମିତି ମୁଖ ଦେଖିବାକୁ । ତୋ'ଆଖିରେ ଏମିତି ଲୁହ ଦେଖିବାକୁ ଆମେ କ'ଣ ଆସିଥିଲୁ ?

ଯାହା ହେବାର ତ' ହେଇଯାଇଛି । ସେ କ'ଣ ଆଉ ଫେରିଆସିବ ?

ଦୁଃଖ କଲେ କ'ଣ ହେବ ଯେ' !!!

ଭଗବାନ୍ ତୋ' ଭାଗ୍ୟରେ ପୁଅଟିଏ ଦେଇନାହାନ୍ତି ବୁଝିଲୁ ! ଦୁଃଖ କରି ଲାଭ କ'ଣ କହିଲୁ ? ଆମ ଦୁଇ ପୁଅ କ'ଣ ତୋ'ର ପୁଅ ନୁହେଁ ? ସେମାନେ ତୋ ଘରକୁ ଆସି ଖାଇପିଇ ହସଖୁସିରେ ଯାଉଛନ୍ତି । ଦରକାର ପଡ଼ିଲେ ସାନପୁଅକୁ ତୋ'ପାଖରେ ଛାଡ଼ିଦେବି । କ'ଣ ଏତେ ଭାବୁଛୁ ଯେ !

ସୋନାକ୍ଷୀ ଆଖିରୁ ଲୁହ ପୋଛି କହିଲା– "ଝିଅଟା ସବୁବେଳେ କହିଲା– ମମି ମୋର ଭାଇଟେ ନାହିଁ ନା ! ମୋର ଭାଇଟେ ଆଣିଦିଅ ମମି । ମାର୍କେଟିଂ କରି ଯାଇଥିଲାବେଳେ ପୁଅ କଣ୍ଢେଇଟେ ବିଗ୍‌ବଜାରରୁ କିଣି ଦେଇଛି ଝିଅକୁ । କଣ୍ଢେଇର ନାଁ ରଖିଛି "କାହ୍ନା" । ପାଠ ପଢ଼ିଲେ, ଖାଇଲେ ପିଇଲେ, ଶୋଇଲେ ସବୁବେଳେ ସେହି କାହ୍ନାକୁ ଧରି ବୁଲୁଛି ସେ । କଣ୍ଢେଇଟିକୁ ସାନଭାଇ ଭାବି ଗାଧୋଇ ପ୍ୟାଣ୍ଟ୍ ସାର୍ଟ ପିନ୍ଧେଇ ଦେଇ ଖୁଏଇ ପିଏଇ ଶୁଆଇ ଦେଉଛି । ଦିନକୁ ହଜାରେ ଥର ଚୁମାଦେଇ ଗେଲ କରୁଛି । ପାଠ ପଢୁ ପଢୁ ଅନ୍ୟମନସ୍କ ହୋଇ ଉଠି ଆସୁଛି କଣ୍ଢେଇ ଭାଇ ପାଖକୁ । ରାତିରେ ଶୋଇ ହଠାତ୍ ଉଠି ଖୋଜୁଛି ତା'ର କାହ୍ନା ଭାଇକୁ । ତା'ରି ଏହି ଭାଇଟିଏ ପାଇଁ ଏତେ କଷ୍ଟ, ଦୁଃଖ ମୁଁ ସହି ପାରିଲି ନାହିଁ । ମୁଁ ମଧ୍ୟ ପୁତ୍ରଟିଏର ମୁହଁ ଦେଖି ପାରିଲି ନାହିଁ ଜୀବନରେ । ବହୁତ ଅଭିଳାଷ ଥିଲା ପୁତ୍ରଟିଏ ପାଇଁ ମୋର । ପୁତ୍ରଟିଏ ହୋଇଥିଲେ ମୋର କୁଳ ଭରିଯାଇଥା'ନ୍ତା ସତେ !

ଡାକ୍ତରଙ୍କ ବାରଣ ସତ୍ତ୍ୱେ ପୁତ୍ରଟିଏ ସ୍ୱପ୍ନ ଦେଖିବାକୁ ସାହସ କଲି । ଯେତେ ଟଙ୍କା ଖର୍ଚ୍ଚ ହେଉପଛେ ଆମେ ଗର୍ଭରେ ରଖି ଚେଷ୍ଟା ରଖିବାର ଚେଷ୍ଟା ଜାରି ରଖିଲୁ । ସ୍ୱାମୀ ନାରାଜ ଥିବା ସତ୍ତ୍ୱେ ମୁଁ କାନ୍ଦି ବୋବେଇ ତାଙ୍କୁ ମନେଇ ନେଲି । କମ୍ପାନୀ ଆମକୁ ସିଙ୍ଗାପୁର, ଇଣ୍ଡୋନେସିଆ, ନେପାଳ ବୁଲିବାକୁ ପଠାଇଲେ । ଫାଇଭ୍ ଷ୍ଟାର୍ ରାଜକୀୟ ହୋଟେଲରେ ମଉଜ ମଜ୍‌ଲିସ୍ କରି ମୁଁ କେତେ ଆଶା କରି ଗର୍ଭଧାରଣ କଲି । କେତେ ସତର୍କତାରେ ଅପେକ୍ଷାରେ ରହିଲି ପୁତ୍ରଟିଏର ମୁହଁ ଦେଖିବି ବୋଲି । ଜଣେ ଅପୁତ୍ରିକା ମାଆର ପୁତ୍ରଟିଏକୁ ଆଶା ମାତ୍ର । ବଂଶରକ୍ଷା ପାଇଁ ଭଗବାନଙ୍କୁ କେତେ ଡାକିଲି ।

ହେଲେ– ହାୟ !!!

ମୁଁ ମରିଯାଇଥିଲେ ବରଂ ଭଲ ହୋଇଥାନ୍ତା ମୋ କୁଳ ଚନ୍ଦ୍ରମାଟି ବଞ୍ଚି ଯାଇଥାନ୍ତା ଅନ୍ତତଃ ।

ଶେଷରେ ଜୀବନ ବଞ୍ଚାଇବାକୁ ଯାଇ ମୋର ଗର୍ଭରୁ ମୋ'କାହ୍ନାକୁ ତୀକ୍ଷଣ ଛୁରୀକାରେ କାଟି ଖଣ୍ଡ ବିଖଣ୍ଡ କରି ନାଳ ନର୍ଦ୍ଦମାରେ ଫୋପାଡ଼ି ଦେଲେ । ମୋ' କାହ୍ନାର ବଂଶୀର "ମାଁ" ମୋହନ ଡାକଟି ଶୁଣିପାରିଲି ନାହିଁ ଏ ଜନ୍ମରେ । କୁଆଁ... କୁଆଁ... ଡାକ ପରିବର୍ତ୍ତେ ନିସ୍ତବ୍ଧ ହସ୍‌ପିଟାଲ୍ କୋଠରୀ ଫାଙ୍କା ଲାଗିଲା । ମୁଁ ମରୁ ମରୁ ବଞ୍ଚି ଉଠିଲି । ହେଲେ ମୋ ଝିଅର ଭାଇଟି କୁଆଡ଼େ ଚାଲିଗଲା ଆହାଃ । ଦଶମାସ ଦଶଦିନ ପର୍ଯ୍ୟନ୍ତ ପେଟ ଭିତରେ ନାଚି କୁଦେଇ କେତେ କ'ଣ କରିଛି । ସବୁ ସହିଥିଲି ତା'ର ଦୁଃଖ ଭୁଲା ମୁହଁଟିକୁ ଦେଖିବି ବୋଲି । ହେଲେ କାହିଁ ସେ !

ମୁଁ ଅଲକ୍ଷଣୀ ବଞ୍ଚିଗଲି ସିନା ! ଆଉ ମୋ' କାହ୍ନା ?

ଲୁଗା ପଣତରେ ଲୁହ ପୋଛିଲା ସୋନାକ୍ଷୀ । ସ୍ୱପ୍ନାକୁ ହାତ ଦେଖେଇ କହିଲା– ଏ ସ୍ୱପ୍ନା ! ତୁ ତୋ'ପୁଅକୁ ନେଇ ଯା' । ମୋର କାହାକୁ ଦରକାର ନାହିଁ । ତୁମେମାନେ ସବୁ ମିଛ ସମ୍ପର୍କ ଲଗେଇଛ । ତୁମେ ପଳେଇ ଯାଅ ଏହିକ୍ଷଣି । ତୁମମାନଙ୍କୁ ମୋର କିଛି ଦରକାର ନାହିଁ । ପୁତ୍ରଟିଏ ଆଶା କରିଥିଲି ମୋ ବଂଶ ରକ୍ଷା କରିବ ବୋଲି ହେଲେ ମୋ' ବଂଶ ଏହିଠାରେ ଅଟକି ଗଲା । ମୁଁ... ର ଗର୍ବରେ ମୁଁ ଆଶାର ମିନାରଟାକୁ ଫାଟି ଭାଙ୍ଗି ପଡୁଥିବାର ଦେଖୁଛି । ମୋ' ସଂସାରର ଅବସ୍ଥା କ'ଣ ହେବ ଯେ ? ଆଖିରୁ ଥପ୍ କରି ଲୁହ ଗଡ଼ିପଡ଼ିଲା । କେତେ କଷ୍ଟ ହେଉଛି ତୁମେ କେହି ବୁଝିପାରିବ ନାହିଁ । କ'ଣ ପାଇଁ ମଣିଷ ବଞ୍ଚି ରହିବାକୁ ଚେଷ୍ଟା କରେ ? ଆଶାବାନ୍ଧି ବସେ କାହିଁକି ? ଘର କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରଟା ବାହାର ପବନରେ ଥରି ଉଠିଲା । କ୍ୟାଲେଣ୍ଡରର ଶିଶୁଟି ଦେଖୁଛ– କେମିତି ଯନ୍ତ୍ରଣାରେ ଛଟପଟ ହୋଇ ମୋ' ଆଡ଼କୁ ହାତ ଟେକି ଦୌଡ଼ି ଆସୁଛି । ଡାକ୍ତରମାନେ ମୋ'ଛୁଆଟିକୁ ଛୁରୀରେ କାଟିଲାବେଳେ ଦେଖୁଛ କେତେ ଯନ୍ତ୍ରଣାରେ ମା'- ମା'- ଚିତ୍କାର କରୁଛି । ତା' କାନ୍ଦରେ କେଉଁ ମାଆର ହୃଦୟ ସହିପାରିବ କୁହ !

ହଠାତ୍ ନନ୍ଦିତା କାନ୍ଦିବାକୁ ବାରଣ କଲା । ଯାହା ହେଲା ସବୁ ଭୁଲି ଯିବାକୁ ଚେଷ୍ଟା କର । ଯିଏ ଆସିଥିଲା ସେ ତା'ବାଟରେ ଚାଲିଗଲା । ସେ ତୋ'ର କେହି ନ ଥିଲା । ତାକୁ ଭାବୁଛୁ କାହିଁକି ଆଉ । ଆମ ପୁଅମାନେ କ'ଣ ତୋ'ର ପୁଅ ନୁହେଁ ? ହଠାତ୍ ସୋନାକ୍ଷୀ ଗର୍ଜି ଉଠିଲା– ଏ ସ୍ୱପ୍ନା ! ତୋ' ପୁଅକୁ ଧରି ତୁମେସବୁ ଏଠାରୁ ଚାଲିଯାଅ । ମୁଁ କାହାକୁ ଦେଖିବାକୁ ଚାହେଁ ନାହିଁ । ସ୍ୱପ୍ନା କହିଲା– କାହିଁକି ତୁ କ'ଣ ଆମ ଭଉଣୀ ଭିତରେ ସମ୍ପର୍କକୁ କାଟି ଦେବାକୁ ଚାହୁଁଛୁ ? ହଁ-ହଁ ମୋର କିଛି ଦରକାର ନାହିଁ । କାହା କୋଳରେ ପୁଅଟିଏ ଦେଖିଲେ ମୁଁ ସହିପାରିବି ନାହିଁ ।

ସ୍ୱପ୍ନା କଡ଼ା ଜବାବ୍ ଦେଲା– କାହିଁକି, ତୋ'ଘରକୁ ଆମେ ଆସିଛୁ ବୋଲି ? ଏ' ନନ୍ଦିତା ଦିଦି, ଚାଲ୍ ଏଠାରେ ଆଉ ମୁହୂର୍ତ୍ତେ ବି' ରହିବାକୁ ମୋର ଇଚ୍ଛାନାହିଁ । ସବୁ କହିଲେ ସହିନେବି । ଆଉ ମୋ' ପୁଅ ବିଷୟରେ କହିଲେ ତୋତେ ବଡ଼ ଭଉଣୀ ବୋଲି ଭୁଲିଯିବି । ନନ୍ଦିତା ଦିଦିର ଦୁଇ ପୁଅଙ୍କ ଭଳି ମୋ' ପୁଅକୁ ଭାବୁନାହୁଁ !

ଛି'– ଆଜି କାହା ମୁହଁ ଦେଖିଥିଲି କେଜାଣି, ନିଜ ରକ୍ତର ଭଉଣୀ ପାଖରୁ ମୁଁ ଏମିତି ଆଶା କରି ନଥିଲି । ମୋ'କୋଳର ଛୁଆକୁ କ'ଣ ତୋ'ଛୁଆ ଭଳି ମାରିଦେବି ? ତୁ ଯେମିତି ମାଆ-ମୁଁ ବି'ସେମିତି ମାଆ ହେଇଛି । ତୁ ସହିପାରୁ ନାହୁଁ– ମୁଁ କେମିତି ସହିବି ଯେ ?

ସେଦିନର ଭବିଷ୍ୟତଟା ଆଜି ବର୍ତ୍ତମାନ ପାଲଟି ଯାଇଛି ବୁଝିଲୁ । ଏଇ ନନ୍ଦିତା ଦିଦି ସିନା ନିଜ ସଂସାରଟାକୁ ନିଜର କରି ଗଢ଼ି ଜାଣିଲାନି, ପର କଥାରେ ପଡ଼ି-ବିଶେଷ କରି ତୋ'କଥାରେ ପଡ଼ି ସେ ତା'ର ସ୍ୱାମୀ ସଂସାରକୁ ବରବାଦ୍ କରିଦେଲା । ତୋର ପ୍ରରୋଚନାରେ ତା'ର ସୁନାର ସଂସାର ଭାଙ୍ଗି ଚୂରମାର୍ ହୋଇଯାଇଛି ଆଜି । କାହିଁକି

ମିଛଟାରେ ତାଙ୍କ ଘର ଏବେ ବି' ଭାଙ୍ଗି ଚାଲିଛୁ ? ପଚିଶ ବର୍ଷ ହେଲା ସେମାନେ ସ୍ୱାମୀ-ସ୍ତ୍ରୀ ହୋଇ ସୁଖ ଶାନ୍ତିରେ ରହି ସ୍ୱପ୍ନ ଦେଖିପାରି ନାହାନ୍ତି । ଭଲପାଇ ସେମାନେ ସଂସାର କଲେ । ହେଲେ ସଂସାରର ମଧୁର ରସ ସେମାନେ ପାଇ ପାରିଲେ ନାହିଁ । ଆଜି ତା'ର ଦୁଇ ପୁଅଙ୍କୁ ଡାକି ବିରିଆନି ଖୁଆଇ ଟଙ୍କା ଦେଇ ସେମାନଙ୍କର ମନ ସେମାନଙ୍କ ବାପଠାରୁ ଅଲଗା କରିବାକୁ ଚେଷ୍ଟା ଚଲେଇଛୁ ନା' !

ଏବେ ତା' ବଡ଼ ପୁଅ ତୋତେ "ମିମି" ଡାକୁଛି । "ମିମି" ଡାକରେ ତୁ କ'ଣ ପୁଅର ମାଆ ହୋଇଯିବୁ ! କଦାପି ନୁହେଁ । "ମିମି" ଡାକଟା ମାଆର ନାମକୁ କଦର୍ଯ୍ୟ କରିଦେଉଛି– ବୁଝିଲୁ । ତୁ ତା'ର କଦର୍ଯ୍ୟ ମିଛ ମାଆ ! ମୋ' କୋଳର ଶିଶୁଟିର ମୁହଁକୁ ଦେଖ୍ ! ଦେଖ୍-କେମିତି ତୋତେ ଏକ ନୟନରେ ଚାହିଁ ରହିଛି ଦେଖ୍ ! ଏହି ଶିଶୁଟି କ'ଣ ତୋର ଶିଶୁ ନୁହେଁ ? ମୁଁ ତ' ତୋର ରକ୍ତର ଭଉଣୀ । ଏଇ ଶିଶୁ ପୁତ୍ରଟିକୁ ତୋ' କୋଳକୁ ଟାଣିନେଇ ତା'ମୁହଁରେ ତୋର ଭିଜା ସ୍ତନକୁ ଚାପିଧର । ଦେଖିବୁ ତୁ ଦୁନିଆଁର ସବୁ ଦୁଃଖ ଭୁଲିଯିବୁ । ତୋର ସବୁ ଆଶା ମେଣ୍ଟିଯିବ ବୁଝିଲୁ । ସବୁ ଦୁଃଖ କେଉଁଆଡ଼େ ମିଳେଇ ଯିବ । ସବୁ ସୁଖ ସବୁକିଛି ତୁ ଫେରି ପାଇଯିବୁ ପୁଣି ନେ-ନେ-କହି ସ୍ୱପ୍ନା ବଢ଼େଇ ହେଉଥିଲା ନିଜ ଶିଶୁପୁତ୍ରଟିକୁ ।


ନାଃ,– କହି ସୋନାକ୍ଷୀ ଜବାବ ଦେଲା– ସେ'ଟା ତୋର ପୁଅ, ମୋର ନୁହେଁ । ଆଉ ଶୁଭାଶୀଷ କ'ଣ ତୋର ରକ୍ତର ପୁଅ ! ତୋ' ସ୍ୱାମୀର ରକ୍ତରେ ଗଢ଼ା ସେ– କଡ଼ା ଜବାବ ଦେଲା ସ୍ୱପ୍ନା । ସିଏ ତା' ବାପ ରକ୍ତର । ତୋର ସେ କିଛି ନୁହେଁ ବୁଝିଲୁ । ଖାଲି ମିଛ ସମ୍ପର୍କ–ମିଛ ! ହାତଧରି ବାହାହେଲା ସ୍ୱାମୀ-ସ୍ତ୍ରୀର ହୋଇପାରୁ ନାହିଁ । ଆଉ କି'ସମ୍ପର୍କ କଥା କହୁଛୁ । ବିରିଆନି କଟମ୍ପର ଖୁଆଇ ଦେଇ ପିଲାମାନଙ୍କ ମନ ଟାଣି ନେଲେ ଆଜିକାଲିର ପୁଅମାନେ କ'ଣ ନିଜର ହୋଇପାରିବେ ? ଯିଏ ମାଆର ନୁହେଁ– ସିଏ ମାଉସୀର କେମିତି ହୋଇପାରିବ କହ ? ତୋର ସମ୍ପତ୍ତି ଅଛି– ତୋ' ପାଖକୁ ନିତି ଆସୁଛି, ମୋ'ପାଖକୁ କାହିଁ ? ମୁଁ ଗରୀବ ହେଲେ ବି' ଦିଲ୍‌ବାଲୀ । ମୋର ମନ ଅଛି । ତୋର ଅହଂକାର ପାଇଁ ତୁ ପୁତ୍ର ମୁହଁ ଦେଖିପାରିଲୁ ନାହିଁ ବୁଝିଲୁ । ଧନ ଗର୍ବରେ ତୁ ଫାଟି ପଡ଼ିଛୁ । ହେଲେ ସବୁ ପାଣି ଫୋଟକା ବୁଝିଲୁ । ମଣିଷ ଜୀବନଟା ଅହଂକାରରେ ଚଳେ ନାହିଁ । ଉତ୍ସର୍ଗରେ ଶାନ୍ତି ମିଳେ ଜାଣିଲୁ–

ହଁ-ହଁ ମୁଁ ଧନ ଗର୍ବର ଶାସ୍ତି ପାଇଯାଇଛି ! ମୁଁ-ମୁଁ ପୁରା ଖରାପ । ତୁ ଭଲ-ଯାଃ । ସେଥିପାଇଁ ତୋର ପୁଅ ଜନ୍ମ ହୋଇଛି । ଆଉ ମୁଁ- ଅଲକ୍ଷଣୀ-ଆଣ୍ଠୁଗୁଡ଼ିଟା ଖାଲି । ମୋ' ମୁହଁ ଦେଖିଲେ ତୁମର ଅଶୁଭ ହେବ । ତୋ'ପୁତ୍ରର ଅଶୁଭ ହେବ । ତୁମେ ସବୁ ଏଠାରୁ ଚାଲିଯାଅ– ହଁ ଚାଲିଯାଅ–

ପେଟ ଭିତର ଉଠା ହୋଇଥିବା ଚାରୋଟି ଫଟୋ ଉପରେ ପଡ଼ି କାନ୍ଦିବାକୁ ଲାଗିଲା ସୋନାକ୍ଷୀ ।

ଆଉ ସ୍ୱପ୍ନାର ଖେଳୁଥିବା ଶିଶୁପୁତ୍ରଟି ମାଁ...ମାଁ... ଡାକି କାନ୍ଦି ଉଠିଲା ।

ଶେଖ୍ ବଜାର, କଟକ
ମୋ : ୮୮୯୫୪୨୪୭୮୨



# ଅବୈଧ ସନ୍ତାନ

**- ପ୍ରଫୁଲ୍ଲ କୁମାର ସାହୁ**

ହଠାତ୍ କଲିଂ ବେଲ୍ ବାଜିଉଠିଲା । ପ୍ରଶାନ୍ତ ବାବୁଙ୍କ ଭାବନାରେ ପୂର୍ଣ୍ଣଚ୍ଛେଦ ସୃଷ୍ଟି ହେଲା । ଦ୍ୱାରଖୋଲି ଦେଖନ୍ତି, ତାଙ୍କର ଅତି ଆପଣାର ବନ୍ଧୁ ଅମରେଶ । ଆନନ୍ଦରେ ଆତ୍ମବିଭୋର ହୋଇଗଲେ ପ୍ରଶାନ୍ତ । କୁଣ୍ଢାଇ ପକାଇଲେ ତା'ର ପ୍ରିୟ ବନ୍ଧୁଙ୍କୁ । ଆରେ, ମୁଁ ତ ଏବେ ବାହାରିଥିଲି ତୋ' ଘରକୁ । ଆରେ, ଆସ୍ ଭିତରକୁ ଆସ୍ । ଅମରେଶଙ୍କୁ ପାଛୋଟି ଆଣିଲେ ଭିତରକୁ । ଦୁଇବନ୍ଧୁ ଆସନ ଗ୍ରହଣ କଲେ । ବିଗତ ଛାତ୍ର ଜୀବନର ସ୍ମୃତି ଚାରଣ କଲେ ଦୁଇ ବନ୍ଧୁ । ପରସ୍ପରକୁ ବହୁଦିନ ପରେ ପାଇ ଖୁସି ଓ ଆନନ୍ଦ କହିଲେ ନ ସରେ ।

ହଠାତ୍ ଦୃଷ୍ଟିପଡ଼ିଲା ଘରେ ମୁହଁ ପୋତି ବସିଥିବା ଜଣେ ଅବିବାହିତା ଯୁବତୀଙ୍କ ଉପରେ । ଆଶ୍ଚର୍ଯ୍ୟ ହୋଇଗଲେ । ଏ ଯୁବତୀ ଜଣକ କିଏ ? ଅମରେଶ ମତ ପରିବର୍ତ୍ତନ କରି ବିବାହ ହୋଇଯାଇଛି କି ? ଅନେକ ପ୍ରଶ୍ନ ଉଙ୍କିମାରିଲା ଅମରେଶବାବୁଙ୍କ ମନରେ ।

ଆରେ, ଆଶ୍ଚର୍ଯ୍ୟ ହୋଇ ଚାହିଁଛୁ କ'ଣ ଯେ ! ତୁ ଯାହାକୁ ଦେଖି ଯାହା ଭାବୁଛୁ, ମୁଁ ତାଙ୍କ ବିଷୟ ତୋତେ ସବୁ କହିବି । ମୁଁ ଏହାଙ୍କ କଥା କହିବାକୁ ତୋ' ପାଖକୁ ଯାଇଥାନ୍ତି । କହୁଛି ଶୁଣ, କହିଲେ ପ୍ରଶାନ୍ତ ବାବୁ ।

ଏ ଯୁବତୀ ଜଣକ ହେଉଛନ୍ତି ଆମର ପଢ଼ାସାଥି ସସ୍ମିତା ଆଚାର୍ଯ୍ୟ । ତୁ ତ ଭଲ ଭାବେ ତାଙ୍କୁ ଜାଣିଛୁ । ଆମେ ପରସ୍ପର ଭଲପାଉଥିଲୁ । ସେ କଥା ବି ଜାଣିଛୁ । ତେବେ ଆଜି ଯାହା ଘଟିଛି ସେଇ କଥା କହୁଛି ଶୁଣ ! ଗତ ରାତିରେ ମୁଁ ଜଣେ ବନ୍ଧୁଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲି । ଫେରୁ ଫେରୁ ପ୍ରାୟ ରାତି ଦେଢ଼ଟାରୁ ଦୁଇଟା ଭିତରେ । ହଠାତ୍ ଦେଖିଲି ଚାରିଜଣ ଏହାଙ୍କୁ ବୋଲେରରୁ ବାହାର କରି ରେଳଧାରଣା ଉପରେ ପକାଇଦେଇ ଦ୍ରୁତଗତିରେ ଗାଡ଼ି ନେଇ ପଳାଇଗଲେ । ଏ ଦୃଶ୍ୟ ଦେଖି ମୁଁ କ'ଣ କରିବା ଉଚିତ୍ ସେଇକଥା ଭାବିଲି । ଯଦି ଏ ଗାଡ଼ିକୁ ଅନୁସନ୍ଧାନ କରିବି, ତେବେ ମୋ' ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ । ତା'ଛଡ଼ା ସେମାନେ କାହାକୁ ରେଳଧାରଣା ଉପରେ ଶୁଆଇ ଦେଲେ, ତାଙ୍କୁ ଯଦି ଉଦ୍ଧାର ନକରେ, କେଇଟା ମୁହୂର୍ତ୍ତରେ ତାଙ୍କ ଜୀବନ ଚାଲିଯିବ । ମୁଁ ଆଉ ବିଳମ୍ବ ନ କରି ତାଙ୍କ ପାଖକୁ ଗଲି । ଅନ୍ଧାର କିଟ୍‌କିଟ୍ । ତାଙ୍କୁ ଜାଣିପାରିଲି ନାହିଁ ଯେ ସେ ମୃତ କି ଜୀବିତ । ହାତର ସ୍ପର୍ଶରେ ଜାଣିଲି ସେ ଜଣେ ଯୁବତୀ । ତାଙ୍କ ଦେହର ପୋଷାକ ଛିନ୍‌ଭିନ୍ ଭାବେ ଚିରିଯାଇଥିଲା । ଗାଡ଼ି ଡିକିରୁ ପାଣିବୋତଲ ତାଙ୍କ ମୁହଁରେ ସିଞ୍ଚିବାରୁ କିଛି ସମୟ ପରେ ତାଙ୍କର ଚେତା ଫେରିଆସିଲା । କ୍ଷୀଣ ସ୍ୱରରେ ବିକଳ ହୋଇ କହିଲେ, ମୋତେ ଛାଡ଼ିଦିଅ, ମୋର ସର୍ବନାଶ କରନା, ମୁଁ ତମର ଗୋଡ଼ ଧରୁଛି । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି ଭୟ କରନା, ମୁଁ ତମର କିଛି କ୍ଷତି କରିବି ନାହିଁ । କିଏ ତୁମକୁ ରେଳଧାରଣା ଉପରେ ପକାଇଦେଇ ପଳାଇଗଲେ, ମୁଁ ତୁମକୁ ଉଦ୍ଧାର କରିଛି । ଚାଲ ଶିଘ୍ର ଏଠାରୁ ପଳାଇ ଚାଲ । ନଚେତ୍ ପୁଣି ସେମାନେ ଆସିପାରନ୍ତି । ମୋ' କଥାଶୁଣି ଇଏ କାନ୍ଦିଲେ । ଆରେ ବର୍ତ୍ତମାନ କାନ୍ଦିବାର ସମୟ ନୁହେଁ, ଆଗେ ନିଜକୁ ବଞ୍ଚାଅ । ତାଙ୍କୁ ଧରି ଉଠାଇଲି, ଚାଲିବାର ଶକ୍ତି ନଥିଲା । ମୋ' କାନ୍ଧରେ ହାତ ଭରାଦେଇ ଧୀରେ ଧୀରେ ମୋ' ବାଇକ୍‌ରେ ବସାଇ ଘରେ ପହଞ୍ଚିଲି । ଲାଇଟ୍‌ରେ ଯାହା ଦେଖିଲି ମୋ' ମୁଣ୍ଡ ବୁଲାଇଦେଲା । ଯାହାକୁ ମୁଁ ଜୀବନଠାରୁ ଅଧିକ ଭଲପାଉଥିଲି, ତାଙ୍କୁ ନେଇ ସୁନାର ସଂସାର ଗଢ଼ିବାର ସ୍ୱପ୍ନ ଦେଖୁଥିଲି । ମୋ ବିଷୟରେ ଜାଣି ତାଙ୍କ ବାପା ମୋତେ ଅବୈଧ ସନ୍ତାନ କହି ଅପମାନିତ କଲେ ।

ଆରେ ସେସବୁ କଥା ପରେ । ଆଗେ କହ କିଏ କାହିଁକି ତାଙ୍କୁ ମାରିବାକୁ ବସିଥିଲେ । କହିଲେ ଅମରେଶ ।

ହଁ, ଶୁଣ ତୁ ତ ଜାଣୁ ସସ୍ମିତା ହେଉଛି ଜଣେ ସୁନାମଧନ୍ୟା କଣ୍ଠଶିଳ୍ପୀ । କାଲିଗୋଟେ ଭଜନ ସନ୍ଧ୍ୟା ପ୍ରୋଗ୍ରାମ୍ ସାରି ଘରକୁ ଫେରିବା ବାଟରେ ରାକା ଓ ତା'ର ଦୁଇଜଣ ସହଯୋଗୀ ସସ୍ମିତାଙ୍କୁ ଜବରଦସ୍ତ ଗାଡ଼ିରେ ଉଠାଇ ନେଇଗଲେ । ପହଞ୍ଚିଲେ ଗୋଟିଏ ନିଛାଟିଆ ପରିତ୍ୟକ୍ତ ଘରେ ତା'ପରେ ବାଧ୍ୟକଲେ ଅଶ୍ଳୀଳ ଫଟୋ ଉଠାଇବାକୁ । ସସ୍ମିତା ଯେତେ ବିନୟ ହୋଇ ଅନୁରୋଧ କଲା ଏ କଦର୍ଯ୍ୟ କାର୍ଯ୍ୟନକରିବାକୁ । ତା'କଥା ସେମାନେ ଶୁଣିଲେ ନାହିଁ । ତାଙ୍କର ଇଚ୍ଛାମତେ ଦେହ ଉପରେ ଜୋରକରି ଫଟୋ ଉଠାଇଲେ । କହୁଥାନ୍ତି ପ୍ରଶାନ୍ତକୁ ଭଲପାଇ ମୋତେ ପ୍ରତ୍ୟାଖ୍ୟାନ କରିଥିଲୁ ନାଁ ? ଆଉ ତୁ ପ୍ରଶାନ୍ତକୁ ପାଇବୁ ନାହିଁ । ଆଜି ହିଁ ତୋ' ଜୀବନର ଶେଷ ରାତି । ଏହାକହି ଜଣକ ପରେ ଜଣେ ପାଶବିକ ଅତ୍ୟାଚାର କଲେ । ସଂଜ୍ଞାହୀନ ହୋଇଗଲା ସସ୍ମିତା । ମରିଗଲା ଭାବି ରେଲଧାରଣା ଉପରେ ପକାଇ ଦେଇଗଲେ । ଏକଥା ସସ୍ମିତା କହିଛି ।

ଏତେ ଘଟଣା ପରେ ତୁ ଚୁପ୍ ହୋଇ ବସିଛୁ ? ଅମରେଶ ହୋଇଛନ୍ତି ଜଣେ ପୋଲିସ୍ ଇନ୍‌ସପେକ୍ଟର । ହଉ ଯାହା ତ ହେବାର ଥିଲ ହୋଇଯାଇଛି । ବର୍ତ୍ତମାନ ସସ୍ମିତାର ବାପାଙ୍କୁ ଫୋନ୍‌କରି ଡକାଅ । ମଉସା ଆସିଲେ ଥାନାରେ କେଶ୍ ରୁଜୁ କରନ୍ତୁ, କହିଲେ ରାକେଶବାବୁ ।

ନା, ନା, ମୋ' ବାପାଙ୍କୁ ଖବର ଦିଅନ୍ତୁ ନାହିଁ କି କେଶ୍ କରନ୍ତୁ ନାହିଁ । ମୁଁ ବଞ୍ଚିବାକୁ ଚାହେଁନା । ଏ କଳଙ୍କିତ ଦେହ ନେଇ ମୁଁ କାହା ପାଖରେ ଠିଆହୋଇପାରିବି ନାହିଁ । ବିକଳରେ କାନ୍ଦି କାନ୍ଦି କହିଲେ ସସ୍ମିତା ।

ତମେ ମରିଗଲେ କ'ଣ ଏ ସମାଜରୁ କଳଙ୍କ ଦୂର ହୋଇଯିବ । ନା, ତୁମଠାରୁ ଏ କଳଙ୍କ ଲିଭିଯିବ । ତମେ ଜଣେ ଶିକ୍ଷିତା ଝିଅ । ଏଭଳି କଥା ତୁମଠାରୁ କେହି ବି ଆଶା କରିବେନି । ଏକା ତମେ କାହିଁକି, ଏ ସମାଜରେ ଅନେକ ତୁମଭଳି ଝିଅ, ରାକାଭଳି ରାକ୍ଷସର ବଳାତ୍କାରର ଶିକାର ହେଉଛନ୍ତି । ସେମାନଙ୍କୁ ଯଦି ଉପଯୁକ୍ତ ଦଣ୍ଡ ନଦେବା ତେବେ ଆମ ସମାଜରେ ନାରୀ ଜାତି ପ୍ରତି ଅତ୍ୟାଚାର ବଢ଼ିଚାଲିବ । ଏବେ ତ ଆମ ସରକାର ନାରୀମାନଙ୍କ ପାଇଁ ସ୍ୱାତନ୍ତ୍ର ସୁରକ୍ଷା ଓ ଆଇନ୍ ପ୍ରଣୟନ କରିଛନ୍ତି । ଆମେ ଏହାର ସୁଯୋଗ ନେବା । ଆଇନର ଆଶ୍ରୟ ନେଇ ଦୋଷୀ କିପରି କଠୋରରୁ ଅତି କଠୋର ଦଣ୍ଡରେ ଦଣ୍ଡିତ ହେବ, ନିଶ୍ଚୟ ଆମର ମାନ୍ୟବର ନ୍ୟାୟାଳୟ ଆମକୁ ନ୍ୟାୟ ଦେବେ ।

ଝିଅ ଗତ ରାତିରେ ନ ଫେରିବାରୁ ବହୁ ଆଶଙ୍କା ଭିତରେ, ବ୍ୟସ୍ତତା ଅନୁଭବ କରୁଥିଲେ ସସ୍ମିତାର ବାପା ଓ ମା' । ଫୋନ୍ ପାଇବାକ୍ଷଣି ମଧୁସୂଦନବାବୁ ଏବଂ ରମାଦେବୀ ଆସି ଉପସ୍ଥିତ ହେଲେ । ଝିଅକୁ ପାଇ ଯେତିକି ଆସ୍ୱସ୍ତି ଲାଭ କଲେ । ଗତରାତିର ଘଟଣା ଶୁଣି ଅଧିକ ମର୍ମାହତ ହେଲେ । ପାଦତଳେ ମାଟି ନଥିବାପରି ଅନୁଭବ କଲେ । ଉଚ୍ଚରେ କାନ୍ଦିବାକୁ ଲାଗିଲେ । ତାଙ୍କୁ ସାନ୍ତ୍ୱନା ଦେଲେ ଅମରେଶ ବାବୁ ।

ଅହଙ୍କାରକୁନେଇ ଯୋଉ ଭୁଲ୍ କରିଛନ୍ତି । ଅନୁତାପ ନିଆଁରେ ଦଗ୍ଧୀଭୂତ ହେଲେ ମଧୁସୂଦନ ବାବୁ । ଭାବୁଥାନ୍ତି ସେଦିନର ଅତୀତକୁ । ପ୍ରଶାନ୍ତ ଆଉ ସସ୍ମିତାର ପରସ୍ପରକୁ ଭଲ ପାଇବାକୁ ପସନ୍ଦ କରୁନଥିଲେ ମଧୁସୂଦନବାବୁ । କାହିଁକିନା ପ୍ରଶାନ୍ତ, ପିତାମାତା ପରିଚୟ ନଥିବା ଅନାଥ ପିଲା । ପ୍ରଶାନ୍ତ ବାବୁ ବହୁ ପ୍ରତିଭାର ଅଧିକାରୀ ହେଲେ ମଧ ମଧୁସୂଦନବାବୁଙ୍କୁ ଆଭିଜାତ୍ୟ ବ୍ରାହ୍ମଣ ବଂଶର ଅହଂକାର ପାଖରେ ବଳିପଡ଼ିଯାଇଥିଲା । ଦିନେ ପ୍ରଶାନ୍ତଙ୍କୁ ମୁହେଁ ମୁହେଁ ଶୁଣାଇଦେଲେ । ତମେ ମୋ'ଝିଅକୁ ଭଲପାଇବାକୁ ସାହସ କିପରି କରିପାରିଲ । ଦେଇପାରିବ ତୁମ ପିତୃତ୍ୱର ପରିଚୟ ? ଅଜଣା ଅଶୁଣା ଜାତି ଗୋତ୍ର ନଥିବା ତମେ ଜଣେ ଅବୈଧ ସନ୍ତାନ । ତମକୁ ହିଁ ଘୃଣା କରୁଛି । ଯାଅ ଆଜିଠାରୁ ମୋ ଝିଅ ସହ ମିଳାମିଶା ବନ୍ଦ କର ।

ପ୍ରଶାନ୍ତବାବୁଙ୍କୁ ଅବୈଧ ସନ୍ତାନର ଶବ୍ଦ, ଶରବିଦ୍ଧ ହେଲାପରି ଲାଗିଲା । ସେଇଦିନଠାରୁ ନିଷ୍ପତ୍ତି ନେଲେ, ସେ ଆଉ କାହାକୁ ବିବାହ କରିବେ ନାହିଁ । ବାପାଙ୍କର ପ୍ରଶାନ୍ତ ପ୍ରତି କଟୁକ୍ତି ସସ୍ମିତାକୁ ବହୁତ ବାଧିଲା । ସସ୍ମିତା ଏ ଯାଏଁ ପ୍ରଶାନ୍ତକୁ ପାଇ ନଥିଲା । ବାପାଙ୍କୁ ଶୁଣାଇଦେଇଥିଲା ମୁଁ ବିଭା ହେବିତ ପ୍ରଶାନ୍ତକୁ, କିନ୍ତୁ ତାଙ୍କ ବ୍ୟତୀତ ଆଉ କାହାକୁ ନୁହେଁ ।

ସବୁ କଥାର ଅନ୍ତ ଘଟାଇ ପ୍ରଶାନ୍ତବାବୁଙ୍କ ହାତଧରି କାନ୍ଦି କାନ୍ଦି କହିଲେ ମଧୁସୂଦନବାବୁ । ତୁମକୁ କ୍ଷମା ମାଗିବାର ଅଧିକାର ମୁଁ ହରାଇ ଦେଇଛି । ତୁମର ତ୍ୟାଗ ଓ ମଣିଷପଣିଆ ନିକଟରେ ମୋ ମୁଣ୍ଡ ନଇଁଯାଉଛି । ମୋ'ଝିଅର ଜୀବନରକ୍ଷା କରି ତୁମେ ମୋର ଯୋଉଁ ଉପକାର କରିଛ, ତାହା ବିନିମୟରେ ପ୍ରତିଦାନ ଦେବାର ସାମର୍ଥ୍ୟ ମୋର ନାହିଁ । ଅବୈଧ ସନ୍ତାନ କହି ମୁଁ ଯେଉଁ ଭୁଲ୍ କରିଛି, ମୋତେ କ୍ଷମା କର । ତମେ ତ ଜଣେ ମଣିଷ ପରି ମଣିଷ । ଅବୈଧ ସନ୍ତାନ ହେଉଛନ୍ତି, ରାକା ଭଳି ଶଇତାନମାନେ ।


ରମାଦେବୀ ମଧ୍ୟ ପ୍ରଶାନ୍ତବାବୁଙ୍କ ହାତଧରି ବହୁତ କାନ୍ଦିଲେ । ଅମରେଶବାବୁ କହିଲେ, ମଉସା ! ଯାହାତ ହେବାର ଥିଲା ହୋଇଗଲା । ଆପଣ ଦୁଃଖ ପ୍ରକାଶ କଲେ, ତାହା ହିଁ ଯଥେଷ୍ଟ । ପ୍ରଶାନ୍ତ ମୋର ସାଙ୍ଗ, ମୋ'କଥା ନିଶ୍ଚୟ ରଖିବ । ବିବାହ ତିଥି ସ୍ଥିର କରନ୍ତୁ । ଦୁଇଜଣଙ୍କର ବିବାହ କାମ ସାରିଦେବା ।

ନା, ମୁଁ ବିବାହ କରି ଏ କଳଙ୍କିତ ଦେହକୁ ନେଇ ଏଭଳି ଦେବତାଙ୍କୁ ଛୁଇଁପାରିବି ନାହିଁ, କହିଲା ସସ୍ମିତା ।

କିଏ କହେ ତୁମେ କଳଙ୍କିତ । ତମେ ତ ଗଙ୍ଗାଭଳି ପବିତ୍ର । ଯେମିତି ସଂସାରର ସବୁ ପାପକୁ ଧୋଇ ନେଇ ଅନ୍ୟକୁ ପବିତ୍ର କରେ । କ'ଣ କହୁଛୁ ସାଙ୍ଗ, ଠିକ୍ କହିଲି ନା, ମୁଣ୍ଡ ହଲାଇ ସମ୍ମତି କଲା ପ୍ରଶାନ୍ତ ।

ସସ୍ମିତା ଟିକିଏ ଭାବି କହିଲା ବିଭା ହେବି ସେଇଦିନ, ଯୋଉଁଦିନ ରାକା ଫାଶୀ ଦଣ୍ଡରେ ଦଣ୍ଡିତ ହେବ । ସମସ୍ତେ ସସ୍ମିତାର କଥାକୁ ସ୍ୱୀକାର କଲେ ।

କିଛିଦିନ ପରେ, ମାନ୍ୟବର ଅଦାଲତ ବିଚାର କରି ରାୟ ଶୁଣାଇ ରାକାର ମୃତ୍ୟୁଦଣ୍ଡାଦେଶ କଲେ ଏବଂ ତା'ର ସହଯୋଗୀମାନଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କଲେ ।



# ଚିନ୍ତାର ଅନଳେ

- ଦାଶରଥି ସାମଲ

ଦୃଷ୍ଟି ହିଁ ସୃଷ୍ଟିର ସର୍ବପ୍ରଥମ ଉନ୍ମେଷ ଓ ପ୍ରାଣୀର ସର୍ବପ୍ରଥମ ସମ୍ପତ୍ତି । ଭାବକୁ ନେତ୍ର ବିନ୍ଦୁରେ ପରିପ୍ରକାଶ କରାଯାଏ । ଭକ୍ତି ତତ୍ତ୍ୱର ମହାନାୟକ, ଓଡ଼ିଆ ମାନଙ୍କର ଚେତା ଓ ଚେତନାର ଅମୂଲ୍ୟ ନିଧି ପ୍ରଭୁ ଶ୍ରୀଜଗନ୍ନାଥ ନୀଳାଚଳ ଧାମର ଆରାଧ୍ୟ ଦେବତା ଅଟନ୍ତି । ଶ୍ରୀଚୈତନ୍ୟ ମହାପ୍ରଭୁ, ପରମହଂସ ରାମକୃଷ୍ଣ, ଆଦି ଶଙ୍କରାଚାର୍ଯ୍ୟ ଜଗନ୍ନାଥଙ୍କ ସାନ୍ନିଧ ଲାଭ କରି ଓଡ଼ିଶାର ପୁରପଲ୍ଲୀରେ ଭକ୍ତିର ଭାବଧାରା କୁଳୁକୁଳୁ ତାନରେ ସମସ୍ତଙ୍କର ମନରେ ଏକ ଅଫୁରନ୍ତ ମହାଜାଗରିତ ଭାବନା ସୃଷ୍ଟି କରିଥିଲେ । ପତିତ ଉଦ୍ଧାର ପାଇଁ ପତିତପାବନ ବାନା ଉଡ଼ାଇ ନନ୍ଦିଘୋଷରେ ରଥାରୂଢ଼ ହୋଇ ମାଉସୀ ଘରକୁ ନବଦିନ ପାଇଁ ପତିତପାବନ ବାନା ଉଡ଼ାଇ ନନ୍ଦିଘୋଷରେ ରଥାରୂଢ଼ ହୋଇ ମାଉସୀ ଘରକୁ ନବଦିନ ପାଇଁ ଯାତ୍ରା କରିଥାନ୍ତି । ଜଗନ୍ନାଥ ହେଉଛନ୍ତି ବିଶ୍ୱାସର ଫଳ ଓ ଭକ୍ତିର ପ୍ରତିଧ୍ୱନି । ସେ ଓଡ଼ିଆମାନଙ୍କର ମନୋବାଞ୍ଛାର କଳ୍ପବଟ । ସେ ହେଉଛନ୍ତି ସାଧନାର ବାଇଶି ପାବଚ୍ଛ, ପତିତର ପାବନ, ଶ୍ରଦ୍ଧାର ଧୂଳି, ସମନ୍ୱୟର ବଡ଼ଦାଣ୍ଡ, ନୀଳିମାର ଅନନ୍ତ ବିସ୍ତୃତି, ବିଶ୍ୱାବସୁମାନଙ୍କର ବିଶ୍ୱାସ, ବିଦ୍ୟାପତିମାନଙ୍କର ବିଦ୍ୟା ଓ ଲଳିତାମାନଙ୍କର ଲାଳିତ୍ୟ । ଲକ୍ଷ ଲକ୍ଷ ଭକ୍ତମାନଙ୍କର ମଧ୍ୟରେ ଦିବ୍ୟାନନ୍ଦ ଲାଭ କରିବା ମୋର ଇଚ୍ଛା ଥାଏ । ଅବସର ପରେ ସାମୂହିକ ସମୟ ବିତାଇବା ପାଇଁ ବଡ଼ ପୁଅ ପାଖକୁ ମାଡ୍ରାସ ବୁଲିବା ପାଇଁ ଯାଇଥାଏ । ସେଠାରୁ ଫେରି ପୁରୀର ମମତା ମୋତେ ଟାଣି ନେଉଥାଏ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ ଲାଭ କରିବା ପାଇଁ । ସାଗରର ବାଲୁକାମୟ ପ୍ରାନ୍ତରରେ ବସି ଉତ୍ତୁଙ୍ଗ ତରଙ୍ଗ ମାଳାର ନାନାବିଧ ଦୃଶ୍ୟରାଜି ଉପଭୋଗ କରିବାର ଆଗ୍ରହ ମୋତେ ଅଥୟ କରୁଥାଏ । ଜଣେ କବି ଭାବରେ କାବ୍ୟିକ ପ୍ରୟାସ ଜାରି ରଖି ସୂର୍ଯ୍ୟାସ୍ତ ସମୟର ଉଦ୍ଦୀପ୍ତ ନାଲି ଟୁକୁଟୁକୁ ସାଧବବୋହୂ ବେଶଧାରୀ ସୂର୍ଯ୍ୟାସ୍ତର ରାଶି ରାଶି ସୌନ୍ଦର୍ଯ୍ୟକୁ ଅବଲୋକନ କରିବାର ଲୋଭ ଅସମାଳ କରି ପକାଉଥାଏ । ଜୀବନ ଏକ ନିର୍ଯ୍ୟାସର ମୂଳପିଣ୍ଡ । ଜନ୍ମ, ମୃତ୍ୟୁ ଜୀବନର ଚଲାପଥର ନିର୍ଯ୍ୟାସ । ଚିନ୍ତା କରୁଥାଏ ମାନବ ଜୀବନରେ ଆସେ କାହିଁକି, କ'ଣ ପାଇଁ, କ'ଣ କରେ - ଉତ୍ତର ହିଁ ଦେବାକୁ ହେବ ସମୟର ଆହ୍ୱାନରେ । ହିନ୍ଦୁମାନଙ୍କର ବିଶ୍ୱାସ ସ୍ୱର୍ଗଧାମରେ ଶରୀର ଦାହକଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ । ଭାଗବତ କହେ - "ମର୍ତ୍ତ୍ୟେ ମଣ୍ଡଳେ ଦେହ ବହି, ଦେବତା ହେଲେହେଁ ମରଇ" । ଜୀବନ କ୍ଷଣିକ, ତେବେ ପୁଅଝିଅ, ନାତିନାତୁଣୀଙ୍କ ତିଳ ତିଳ ଜୀବନକୁ ବିପନ୍ନ କରି ଶେଷରେ ସେ ସଂସାରରୁ ବିଦାୟ ନିଏ । ତେବେ ପାଏ କ'ଣ ? ଛଳନା, ପ୍ରତାରଣା, ହିଂସା, ଦ୍ୱେଷ ମନୁଷ୍ୟକୁ ଜର୍ଜରିତ କରେ । ଏହିପରି ଭାବୁ ଭାବୁ ସ୍ୱର୍ଗଦ୍ୱାରରେ ପହଞ୍ଚି ଗଲି ।

ସମୟ ଅତିକ୍ରାନ୍ତ । ଦେଖିଲି ବୁଢ଼ୀଟିଏ ବସିଛି । ପାଖରେ ପାଖାପାଖି ତିରିଶ ବର୍ଷର ମଳିମୁଣ୍ଡିଆ ପୁଅ, କାନ୍ଦି କାନ୍ଦି ଉଭୟେ ନୟାନ୍ତ । ହଠାତ୍ କିଛି ବୁଝିପାରିଲି ନାହିଁ । ଦେଖିଲି ଅଦୂରରେ ଏକ ବିଶ୍ୱସ୍ତ କୁକୁର । ଧକେଇ ଧକେଇ କାନ୍ଦୁଛି ପୁଅ ଏବଂ ମା' ଯେତେ ଡାକିଲେ ରୋମି ଉଠୁନାହିଁ । ଚାକର ହରିଆ ଡାକି ଡାକି ହାଲିଆ ହୋଇଗଲାଣି । ଆରେ ରୋମି... ଉଠୁ... ଉଠୁ.... ଆ... ଯିବା..... ମୋ ଗେହ୍ଲାଟା ପରା । ନଅଦିନ ଧରି ପଡ଼ି ରହିଛି । ଆଖିରୁ ଧାର ଧାର ଲୁହ । ପଚାରିଲି କ'ଣ ହୋଇଛି ଏଇଟି ଆପଣଙ୍କ କୁକୁର । କ'ଣ ହୋଇଚି ତାହାର । ହରିଆ ଥକ୍କା ମାରି ବସିପଡ଼ିଲା । କ'ଣ କହିବି ବାବୁ, ସଂସାର ଉଚ୍ଛନ୍ନ । ହରିଆ ଏବଂ ତା'ର ମା' ଆସି ବସିପଡ଼ିଲେ । କଇଁ କଇଁ ହୋଇ କାନ୍ଦିଉଠିଲେ । ବାବୁ ଏ

କୁକୁରଟି ଅତି ବିଶ୍ୱସ୍ତ। ନଅଦିନ ଧରି ନଖାଇ ନ ପିଇ ପଡ଼ିରହିଛି । ତାଙ୍କର ବାବୁ ଥିଲେ ଭାରି ସଙ୍କୋଚ ଓ ଧର୍ମପରାୟଣ ଲୋକ । ଧର୍ମପତ୍ନୀଙ୍କର ଆଗରୁ ଦେହାନ୍ତ ହୋଇଯାଇଛି । ବଡ଼ ଅଫିସର ଥିଲେ । ନାଁ ତାଙ୍କର ଅଛି । ଏ ଅଞ୍ଚଳର ସ୍ୱନାମଧନ୍ୟ ବ୍ୟକ୍ତି । ବାବୁଙ୍କର ଦୁଇ ପୁଅ । ରହନ୍ତି ଆମେରିକାରେ । କମ୍ପାନୀ ଚାକିରୀ । ଲକ୍ଷ ଲକ୍ଷ ରୋଜଗାର । ବାଛି ବାଛି ବୋହୂ ଦୁଇଟା ଆଣିଥିଲେ, ବଡ଼ ବଡ଼ ଲୋକଙ୍କର ଝିଅ । ନା ଅଛି ଖାତିରି, ନା ସେବା । ଏ କଥା ଭାବି ଭାବି ବୁଢ଼ୀ ଦିନକାଟିଲେ । ବୁଢ଼ା ଏ କଥାକୁ ଭାବି ଭାବି ଚିନ୍ତାଗ୍ରସ୍ତ ହୋଇଗଲେ । ପୁଅମାନେ ଆସି ପହଞ୍ଚିଲା ବେଳକୁ ବାସି ମଡ଼ା ହୋଇଗଲା। ଚନ୍ଦନ କାଠ, ଘିଅରେ ଶବ ସଂସ୍କାର ପାଇଁ ପୁଅମାନେ କହିଲେ । ହେଲେ ବୋହୂମାନେ ଆପତ୍ତି କଲେ । ମରିଗଲା ସରିଗଲା, କିରୋସିନିରେ ପୋଡ଼ିବା ଯା'ଘିଅରେ ପୋଡ଼ିବା ସେଇ ଏକଇ କଥା । ବୃଥାଟାରେ ଅଧିକ ଖର୍ଚ୍ଚ କରି ଲାଭ କ'ଣ ? ବାବୁ ଆମକୁ ଖାଇବାକୁ ଦେଇ ବଞ୍ଚେଇଥିଲେ । ଆମେ କାହିଁକି ନିମକହାରାମ ହେବୁ । ଯୁଗ ବଦଳି ଯାଇଛି । କ'ଣ ନ କରିଥିଲେ ବାବୁ। କାହାକୁ କହିବୁ । ବିଚରା ମରି ନାହାନ୍ତି ଯେ ତରିଗଲେ । ଆମକୁ କ୍ରିୟାକର୍ମରେ ଯାହା ପାରିବୁ ଗୁଣ୍ଡୁଚି ମୂଷାପରି ଜଗି ରହିବୁ। ସେଥିପାଇଁ ଭକ୍ତଚରଣ ଦାସଙ୍କ ମତରେ -

"ରଙ୍ଗୀ-ପସରା ସିନା ଭବ ସାଗରେ
ରଙ୍ଗ ଭିତରେ ଅଛି କି ନାରଖାରରେ
ରୂପ ପ୍ରତିମାକୁ ତୁ ପରତେ ନ ଯା
ରହିବେ ନାହିଁ କେହି ରଜା ପରଜା ।"
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ
ସରିଲେ ନ ପାଇବୁ ଆଉ ଜୀବନରେ ।
ଶ୍ରୀକୃଷ୍ଣ ନାମ ଗୋଟି କର ଭଜନ
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଧ୍ୟାନରେ ।

ଆଦର ସ୍ନେହ ସଂପ୍ରୀତି ମନୁଷ୍ୟକୁ ବଡ଼ କରିଥାଏ । ହିଂସା, ଦ୍ୱେଷ, ପରଶ୍ରୀକାତରତା ନରକଗାମୀ କରେ । ପୁଅମାନଙ୍କ ମଧ୍ୟରେ ବୁଝାମଣାର ଅଭାବ । କାହିଁକି ଏତେଗୁଡ଼ାଏ ଖର୍ଚ୍ଚ କରିବା । ଯେନତେନ ପ୍ରକାରରେ ଶୁଦ୍ଧି କାର୍ଯ୍ୟ କରିଦେବା । ସମ୍ପତ୍ତିବାଡ଼ି ବାଣ୍ଟକୁଟୁରା କିଭଳି ସରିଯିବ ସେ ପ୍ରତି ଧ୍ୟାନ । ଦେଖି ଦେଖି ହରିଆ ଅସମ୍ଭାଳ ହୋଇପଡ଼ିଲା । ଏଇ ସମୟରେ ବୁଢ଼ୀ ଆସି ସମସ୍ତଙ୍କୁ ଏକ ପାନେ ଚଖାଇଲା । କିରେ ମୁଁ ତ ତମର ପୁଅ, ମୁଁ ତ ପୋଛିପାଛି ବଡ଼ କରିଛି । ତମେମାନେ ମନୁଷ୍ୟପଣିଆ ଭୁଲିଗଲ । ଆଉ ବ୍ୟସ୍ତ ହୁଅନାହିଁ । ତମ ବାପା ଆଗରୁ ଜାଣିଥିଲେ ଏଭଳି ହେବ । ଏଣୁ ମୋତେ ବାରମ୍ବାର ଚେତାଇଥିଲେ । ବିଶ୍ୱାସରେ ଖଣ୍ଡିଏ କାଗଜ ସେ ମୋତେ ଦେଇଥିଲେ । ଏଇ ନିଅ । ଟଙ୍କା ବ୍ୟାଙ୍କରୁ ଆଣି କାମ କରିବ । ସତକୁସତ ବୁଢ଼ୀ ଗୋଟିଏ ଚେକ୍ ଆଣିଦେଲା । ପାଞ୍ଚଲକ୍ଷ ଟଙ୍କାର ଚେକ୍ । ସମସ୍ତେ ନିର୍ବୋଧ ପରି ଅନାଇଛନ୍ତି । ବୁଢ଼ୀ ଲେଖିଥିବା ଚିଠିରେ ନିଜ ପଇସା ବ୍ୟତୀତ ତୁମମାନଙ୍କର ପଇସା ଖର୍ଚ୍ଚ କରିବ ନାହିଁ । ନଚେତ୍ ମୋର ଆତ୍ମା ଶାନ୍ତି ପାଇପାରିବ ନାହିଁ ।

ଅନେକ ଭାବିଲି । ମନ ଆଗମରେ ଉଭା ଭକ୍ତି ତତ୍ତ୍ୱର କେତୋଟି ଅଭିବ୍ୟକ୍ତି । ବୈଷ୍ଣବୀୟ ପ୍ରେମ ଭକ୍ତି ମାର୍ଗର ଆଦ୍ୟ ଉପାସ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ର । ତାଙ୍କର ଗୂଢ଼ ତତ୍ତ୍ୱକୁ ଭେଦ କରିବା, ବ୍ୟାସ ପ୍ରମୁଖ ମହାକବିମାନଙ୍କ ପକ୍ଷେ ଅସମ୍ଭବ ଥିଲା । ମହାତ୍ମା ଭରତ ଭ୍ରାତୃପ୍ରେମର ଚରମ ପରାକାଷ୍ଠାକୁ ସ୍ମରଣ କରି ଅଶ୍ରୁ ଗଦ୍‌ଗଦ କଣ୍ଠରେ ବିହ୍ୱଳିତ ହୋଇ ଲକ୍ଷ୍ମଣଙ୍କୁ ଚଉଦ ବର୍ଷ ଧରି ସେବା କାର୍ଯ୍ୟରେ ବ୍ୟାପୃତ ଥିବାରୁ ଧନ୍ୟବାଦ ନ ଦେଇ ରହିପାରି ନଥିଲେ, କିନ୍ତୁ ଲୋଭୀ, ଅମାନବୀୟ ପ୍ରକୃତିର ପୁରୋଧା ଆଜି ମନୁଷ୍ୟ କ'ଣ ନ କରିପାରୁଛି ।

ମୋର ମନ ଭାରାକ୍ରାନ୍ତ ହୋଇପଡ଼ିଲା । ସୁନୀଳ ଢେଉ କୂଳରେ ପିଟୁଥାଏ । ସଂସାରର ମାୟାଜାଲ ମୋର ଆତ୍ମାକୁ ଦଗ୍ଧୀଭୂତ କରୁଥାଏ । ଯୁଗର ଧର୍ମକୁ ଆଦରିବା ଛଡ଼ା ମୋର ପାଖରେ ଅନ୍ୟ ପନ୍ଥା କିଛି ନଥିଲା ପରି ଭାବୁ ଭାବୁ ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ମରଣ କରିବା ମାତ୍ରକେ ଭାସିଆସିଲା ଏକ ଭାବନା । ହେ ଜନ୍ମଦାତା ପିତା ଜଗତର ନାଥ ଜଗନ୍ନାଥ। ତୁମର ପାଦପଦ୍ମତଳେ ମୋର କୋଟି କୋଟି ପ୍ରଣାମ । ତୁମେ ହେଉଛ ସମସ୍ତ ଯଜ୍ଞର ଅଂଶସ୍ୱରୂପ ଓ ସମସ୍ତ ଦେବତାମାନଙ୍କର ମଧ୍ୟ ଅଂଶ, ତୁମରିଠାରେ ହିଁ ମୂଳ । ହେ ପ୍ରାଣର ନାଥ । ତୁମେ ମାତାପିତା, ବନ୍ଧୁ ଓ ସମସ୍ତଙ୍କ ସଖା ମଧ୍ୟ। ହେ ପ୍ରଭୁ, ତୁମେ ହିଁ ସ୍ୱର୍ଗ, ତୁମେ ପରଂ ବ୍ରହ୍ମ, ବ୍ରହ୍ମା । ସମସ୍ତ ତୀର୍ଥର ସମଷ୍ଟିଭୂତ ପରମତୀର୍ଥ, ତୁମେ ହିଁ ଏ ସଂସାରକୁ ରକ୍ଷାକର, ତୁମର ପାଦପଦ୍ମରେ ବାରମ୍ବାର କୋଟି କୋଟି ପ୍ରଣାମ ।

୦୦୦

# ଦୁଃଖିନୀର ଦୁଃଖ

- ଚୂଡ଼ାମଣି ପାଣିଗ୍ରାହୀ

ଜୟନ୍ତୀ ନେପାକ । ଚାରିବର୍ଷ ଘରସଂସାର କରିଥିବା ବିଧବା ସ୍ତ୍ରୀ ଲୋକଟିଏ । ସେ ତା' ବାପା, ମା'ଙ୍କର ଏକମାତ୍ର ସନ୍ତକ । ତା' ଦେହରେ ରଙ୍ଗ କଳା ଧଳା ସମ୍ମିଶ୍ରିତ । ଦୁର୍ବଳ ଶରୀର, ମାତ୍ର ପଚିଶ ବର୍ଷ ବୟସରେ ପଚାଶ ବର୍ଷର ବୁଢ଼ୀଟିଏ ପରି ଦେଖାଯାଉଛି । ଦେହରେ ଶସ୍ତା ଧଳା କସ୍ତା ଲୁଗାଖଣ୍ଡିଏ । ଦେହରେ କୌଣସି ଆଭୂଷଣ ନାହିଁ । ହାତ, ଗୋଡ଼, କାନ, ନାକ ଫୁଙ୍ଗୁଳା । ବହୁତଦିନ ହେବ ତା' କେଶ ଦେହରେ ତେଲ ଟିକିଏ ଲାଗିନାହିଁ ବୋଧେ । ଟୁନା ଓ ମୁନି ତା' ସ୍ୱାମୀର ଶେଷ ସନ୍ତକ ଦୁଇଟି ତା' ପାଖରେ ଗୋଟିଏ ପୁଅ ଓ ଗୋଟିଏ ଝିଅ ।

ଜୟନ୍ତୀ ଛୋଟ ବୟସରୁ ହିଁ ଦୁଃଖିନୀ । ତା' ବାପାର ଅଳ୍ପ କିଛି ଜମିବାଡ଼ି ଥିଲା । ତା' ବାପା ଭୁଗ୍‌ଣ ଲୋକଟିଏ । କାମ ଦାମ କିଛି କରିପାରେ ନାହିଁ । କେବଳ ତାଙ୍କ ଘରେ ମା' ହିଁ ରୋଜଗାର କରୁଥିଲା । ତା' ଚାଷଜମିକୁ ଭାଗ ଚାଷରେ ଦେଇ ସେଥିରୁ ଯାହା ଭାଗପାଏ ତାକୁ ବର୍ଷାଦିନ ପାଇଁ ସଞ୍ଚିରଖେ । କାରଣ ଗରିବ ଲୋକଙ୍କ ପାଇଁ ଏଇଟା ହିଁ ନିଅଣ୍ଟ ସମୟ । ସେ ସମୟରେ ତାଙ୍କ ଗାଁ'ର ଅଧିକାଂଶ ଲୋକଙ୍କ ଘରେ ଦାନାଟିଏ ନ ଥାଏ । ଗରୀବ ଲୋକଙ୍କ ହାତ ନ ଚଳିଲେ ଭାତ ମିଳେନାହିଁ । ଗାଁ'ର ଅଧିକାଂଶ ଲୋକ ମଲିମୁଣ୍ଡିଆ । ହାତଗୋଡ଼ ମୁଣ୍ଡର ବାଳ ସବୁ ନୁଖୁରା । ଅକାଳେ ସକାଳେ ତେଲ ଟିକିଏ ବାଢେ । ଦିନସାରା ବିଲରେ ପରିଶ୍ରମ କରି ସନ୍ଧ୍ୟାବେଳେ ଘରକୁ ଫେରନ୍ତି । ସ୍ତ୍ରୀମାନେ ବିଲକୁ କାମ କରିବାକୁ ଗଲା ଆସିଲାବେଳେ ବୁଲି ବୁଲି କିଛି ଶୁଖିଲା କାଠ ସଂଗ୍ରହ କରି ଘରକୁ ଫେରନ୍ତି । ଗାଧୋଇପାଧୋଇ ଘରକୁ ଆସି ଚୁଲିରେ ନିଆଁ ଧରାନ୍ତି । ସମୟ ପାଇଲେ ଗୋବରରେ 'କୁଣ୍ଡା' ବୋଲି ଘଷି ତିଆରି କରିଥାଆନ୍ତି । ତାହା ଶୁଖିଗଲେ ସେଥିରେ ନିଆଁ ଧରାଇ ରାତି ପାଇଁ ଏବଂ କାଲି ସକାଳ ପାଇଁ । ଟିକିଏ ଲୁଣ, ଲଙ୍କା ହିଁ ସେମାନଙ୍କ ତରକାରିର କାମ କରେ । କିଛି ବିଲାତିବାଇଗଣ ପୋଡ଼ା ଓ ପିଆଜ ଅତି କମ୍ ଦିନ ପାଇଁ ତରକାରିର ରୂପ ନେଇଥାଏ । ମାଛ, ମାଂସ କଥା ତ ଅଲଗା । ଡାଲି, ତରକାରି ମଧ୍ୟ ସେମାନଙ୍କ ପାଇଁ ସ୍ୱପ୍ନ । ଯଦି କିଏ ବଜାର ଯାଇ ଶୁଖୁଆ ମାଛ ଆଣିଥିବ ତେବେ ତାକୁ ପୋଡ଼ାଇ ବାସି ପଖାଳରେ ଖାଇଲେ ତାକୁ ଅମୃତ ପରି ସ୍ୱାଦ ଲାଗିଥାଏ । ଘରେ ଶୋଇବା ସେମାନଙ୍କ ଛିଣ୍ଡା ସପ, ଭଙ୍ଗା ଖଟ, ଫଟା ଦରଦରା କନ୍ଥା, ଖଣ୍ଡେ ଦି'ଖଣ୍ଡ ଚିରା ଶାଢ଼ୀ ମାତ୍ର ଥାଏ । ବର୍ଷାଦିନେ ସମୟ ଅଭାବରୁ ମରାମତି ଅଭାବରୁ କେଉଁଠି ଛପର କଣା, ଘରେ ପାଣି ଗଳିବ ରାତିସାରା । ଚିରା ଧୋତି କିମ୍ବା ଶାଢ଼ୀ ଖଣ୍ଡେ ଘୋଡ଼ି ହୋଇ ବସି ରହିବାକୁ ହୁଏ ରାତିସାରା । ରାତିସାରା ତାଙ୍କ ଆଖିକୁ ନିଦ୍ରାଦେବୀଙ୍କ ଆଗମନ ହୋଇ ନଥାଏ ଅଥଚ ତା' ପରବର୍ତ୍ତୀ ଦିନ ପ୍ରାତଃ ପ୍ରହରୁ ସଞ୍ଜ ପ୍ରହର ଯାଏ ବିଲରେ ହାଡ଼ଭଙ୍ଗା ଖଟଣୀ ଖଟଣିକୁ ପଡ଼ିଥାଏ । ଧନ୍ୟରେ ଗରୀବ ଜୀବନ ।

ସେମାନଙ୍କ ପାଇଁ ଶୀତଦିନର କଷ୍ଟ ତ ଆହୁରି ଦାରୁଣ । ରାତିସାରା କାଲୁଆ ଥଣ୍ଡା ପବନ ଛାତ ତଥା କାନ୍ଥର ଭଙ୍ଗା ଦଦରା କଣାଗୁଡ଼ିକରେ ଘର ଭିତରକୁ ପଶି ସେଠାରେ ଅନିଦ୍ରାରେ ମଣିଷ, ମାଇପି ଛୁଆମାନଙ୍କ ଦିହହାତ ଗୋଡ଼ ଥରାଇଦିଏ । ଛୁଞ୍ଚି ଫୋଡ଼ିଲା ପରି ଲାଗେ । ପୂର୍ବରୁ ସଂଗୃହୀତ ଶୁଖିଲା କାଠ ବିଭିନ୍ନ ଶୁଖିଲା ପତ୍ରକୁ ନିଆଁ ଜାଳି ଦେହକୁ ଉଷୁମ କରି ରାତିସାରା ଚେଇଁ ରୁହନ୍ତି । ପୁଣି ସକାଳ ପହରୁ ଥଣ୍ଡା ଥଣ୍ଡା ଥରୁ ଥରୁ ଦିହରେ ଯା' ତା ବିଲରେ କାମ କରିବାକୁ ପଡ଼ିଥାଏ । ସକଳୁ ମାଇପିମାନେ ବାସି ପଖାଳ, ଲୁଣଲଙ୍କା ଧରି ବିଲକୁ ନେଇ ଦିଅନ୍ତି ତାଙ୍କ ଖାଇବା ପାଇଁ । ତାହା ଖାଇ ପୁଣି ସଞ୍ଜ ପହରଯାଏ ତାଭିକୁ ସେଠି କାମ କରିବାକୁ ପଡ଼ଇଥାଏ । ଧନ୍ୟରେ ଗରୀବ ମଣିଷର ଜୀବନ । ଜୟନ୍ତୀ ମା' ହିଁ ତାଙ୍କ ଘରର ପେଟପାଟଣା ଭରିବାର ଏକମାତ୍ର ପାଥେୟ । କି ଶୀତ, କି ଖରା, କି ବର୍ଷା, ଗାଁ ଲୋକଙ୍କ କ୍ଷେତରେ ଦିନମଜୁରିଆ କାମ କରେ । ସକାଳେ ବାସି ପଖାଳ କଂସାଏ, କିଛି ଲୁଣ, ଲଙ୍କା ଧରି ବିଲକୁ ଯାଏ । କାମ ସାରି ସଞ୍ଜରେ ଘରକୁ ଫେରେ ଅନ୍ୟ ମାଇପିମାନଙ୍କ ସାଙ୍ଗରେ । ଜୟନ୍ତୀ ଟିକିଏ ବଡ଼ ହେବା ପରେ ତା'ର ମା'ର ରୋଷେଇ କାମକୁ ନିଜ ହାତକୁ ନେଲା । ପାଖ ଗୋଚରକୁ ଯାଇ କାଠ ସଂଗ୍ରହ କରେ, ଗୋଚରରୁ ଘଷି ତିଆରି କରେ । ଚଉଦ ପନ୍ଦର ବର୍ଷ ହେବା ପରେ ମା' ସହିତ ବିଲକୁ କାମ କରିବାକୁ ଯାଏ । ବାପା ପାଇଁ କିଛି ବାସି ପଖାଳ, ଲୁଣ, ଲଙ୍କାଧରି ମା' ଝିଅ ଦୁହେଁ କାମ କରିବାକୁ ଯାଆନ୍ତି । କାମରୁ ଫେରିଲେ ମା' ଝିଅ ଦୁହେଁ ରୋଷେଇ କରନ୍ତି । ତା'ବାପାକୁ ଖାଇବାକୁ ଦେଇ ଦୁହେଁ ଖାଆନ୍ତି । ଜୟନ୍ତୀ କାମ କଲାପରେ ତା'ଘରର ଅବସ୍ଥା ସାମାନ୍ୟ ଭିନ୍ନ ହେଲା । ତା' ମା' ତା'ପାଇଁ ଆଜି କଂସାଟିଏ, କାଲି ପିତଳ ଗରାଟିଏ, କେବେ ଚଟୁଟିଏ ଡୁଆଟିଏ କିଣିଲା । ତାକୁ ବାହାଦେଲେ ଯୌତୁକ ଦେବା ପାଇଁ । ଧୀରେ ଧୀରେ ସମୟ ଗଡ଼ିଚାଲିଲା । ଜୟନ୍ତୀ ଏକ ଯୌବନାବତୀ ରମଣୀରେ ପରିଣତ ହେଲା । ତା' ପାଇଁ ବର ଖୋଜିବାକୁ ହେବ । ତା' ବାପା ତ ପଙ୍ଗୁ ଅଥର୍ବ । ଶେଷରେ ଜୟନ୍ତୀର ମା' ତାର ଦୂର ସଂପର୍କୀୟ ଜଣେ ବଡ଼ ଭାଇର ପୁଅ ସହିତ, ତାଙ୍କ ଘରକୁ ଯାଇ ଠିକ୍ କଲା । ପ୍ରଥମେ ସେମାନେ ରାଜି ହେଉ ନଥିଲେ, କିନ୍ତୁ ପରେ ଜୟନ୍ତୀ ବାପା ମା'ର ଗୋଟିଏ ଝିଅ ଏବଂ କିଛି ବିଲବାଡ଼ି ଥିବାରୁ ତାଙ୍କ ପୁଅ ଖାଇବ ବୋଲି ହଁ ଭରିଲେ । ଜୟନ୍ତୀର ମା' ଘର ବିକ୍ରିକଲା ତା'ଝିଅର ବିବାହ ଖର୍ଚ୍ଚ ତୁଲାଇବା ପାଇଁ । ବାହାଘର ବେଳେ କଂସା ବାସନ ଦି'ଖଣ୍ଡ, ଖଟଟିଏ, ଶେଯଟିଏ, ବାକ୍ସ ଗୋଟାଏ, ଜ୍ୱାଇଁ ପାଇଁ ସାଇକେଲ ଓ ହାତଘଣ୍ଟା ଟିଏ । ଛାଞ୍ଚୁଣୀ କୁଲା ଠାରୁ ଆରମ୍ଭ କରି ଶିଳ ଶିଳୁପୁଆ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକରଣା ତା'ଝିଅର ବାହାଘରରେ ଜୟନ୍ତୀର ମା' ଦେଇଥିଲା । ତା'ସ୍ୱାମୀ ସହିତ ଦୁଇ ଚାରିମାସ ହସ ଖୁସିରେ କଟାଇଲା ଜୟନ୍ତୀ । ଜୟନ୍ତୀ । କିନ୍ତୁ ମଣିଷର ସୁଖ କ୍ଷଣସ୍ଥାୟୀ । କୁଆଁରୀ ଝିଅ ମନରେ କେତେ କଳ୍ପନା କରେ ତା'ଭବିଷ୍ୟତକୁ ନେଇ । କେତେ ସ୍ୱପ୍ନ ଦେଖେ ନିତି । କିନ୍ତୁ ସବୁ ସ୍ୱପ୍ନ କ'ଣ କଳ୍ପନାର ରୂପ ନିଏ ? ସତ ହୁଏ ? ନା କେବେ ନୁହେଁ । କିଛିଦିନ ପରେ ଜୟନ୍ତୀ ଜାଣିଲା ଯେ ତା' ସ୍ୱାମୀ ତା' ବାପା ମା'ଙ୍କର ସବା ସାନ ପୁଅ ହୋଇଥିବାରୁ ସେମାନେ ତାକୁ ଅଧିକ ବାତ୍ସଲ୍ୟ ସ୍ନେହ ଦେଇ ବଢ଼ାଇଥିବାରୁ ସେ ସଙ୍ଗ ଗୁଣରେ ଅନେକ ବଦ୍‌ଅଭ୍ୟାସରେ ଅଭ୍ୟସ୍ତ ହୋଇଛି । କିଶୋର ବୟସରୁ ଯଦି

ପ୍ରତ୍ୟେକ ବାପା ମା' ନିଜ ପୁଅଝିଅଙ୍କୁ ଆକଟ ନ କରନ୍ତି ବା ଉଚିତ୍ ପରାମର୍ଶ ନଦିଅନ୍ତି ଉଚିତ୍ ମାର୍ଗରେ ଚାଲିବା ପାଇଁ, ସେମାନେ ଅବାଟରେ ଗୋଡ଼ ଦେଇଥାଆନ୍ତି ସଙ୍ଗଗୁଡ଼ାରେ ପଡ଼ି । ଧୀରେ ଧୀରେ ପଙ୍କିଳ ରାସ୍ତାରେ ଗୋଡ଼ ଖସି ଖସି ସେଇ ପଙ୍କରେ ପୁରାପୁରି ବୁଡ଼ିଯାଇଥାନ୍ତି । କୌଣସି କାମ ନକରି ଅଳସୁଆମି କରି ବସି ବସି ସମୟ କଟାନ୍ତି । ଏପରିକି ତାସଖେଳ, ଗୁଲିଗପରେ ଦିନତମାମ ତାଙ୍କର ସମୟ କଟିଥାଏ । କୌଣସି କଥାକୁ ସେମାନଙ୍କ ଖାତିର ନଥାଏ । ତାଙ୍କର ଭବିଷ୍ୟତ ପାଇଁ କୌଣସି ଚିନ୍ତା ନଥାଏ । କୌଣସି ଅଭିଳାଷ, ଅଭିପ୍ସା ନଥାଏ । ପୁଣି ଟଙ୍କା ପଇସା ପାଇଲେ ତାହାକୁ ଜୁଆଖେଳରେ ଖର୍ଚ୍ଚ କରିଦେଇଥାନ୍ତି । ଜୁଆଖେଳ ଏପରି ଏକ ମାରାତ୍ମକ ଖେଳ ଯେ, ସେଥିରେ ଥରେ ହାରିଗଲେ କିମ୍ୱା ଜିତିଗଲେ ପୁଣି ଖେଳିବା ପାଇଁ ତାଙ୍କର ଇଚ୍ଛା ପ୍ରବଳ ହୋଇଥାଏ । ଏଇ ଖେଳ ଏକ ବଡ଼ ନିଶା ଯାହାକୁ ଥରେ ଧରେ, ସହଜରେ ପରିତ୍ୟାଗ କରେ ନାହିଁ । ଯଦି ସେ ମଣିଷ ଶିକ୍ଷିତ ଅବା ଅଶିକ୍ଷିତ ହୋଇଥାଉ ।

ଜୟନ୍ତର ସ୍ୱାମୀ କୁସଙ୍ଗରେ ପଡ଼ି ମଦ, ଗଞ୍ଜେଇ ପ୍ରଭୃତି ନିଶାରେ ଅଭ୍ୟସ୍ତ ହୋଇପଡ଼ିଥିଲା । ପଣି ସୁଯୋଗ ମିଳିଲେ ବିଭିନ୍ନ ପାଲା, ଯାତ୍ରା, ଆଖପାଖ ହାଟ, ବଜାରକୁ ଯାଇ ଜୁଆ ଖେଳୁଥିଲା । ଟଙ୍କା ପଇସା ବେଳେ ବେଳ ଘରୁ ଚୋରି କରୁଥିଲା । ପୁଣି କେବେ କେବେ ତା' ଧନୀ ସାଙ୍ଗମାନଙ୍କ ଠାରୁ ଧାର ଆଣୁଥିଲା ଏବଂ ସବୁ ଗଞ୍ଜେଇ ନିଶା ଓ ଜୁଆ ଖେଳରେ ଖର୍ଚ୍ଚ କରିଦେଉଥିଲା । ଜୟନ୍ତୀ ପ୍ରଥମେ ପ୍ରଥମେ କିଛି ଜାଣିପାରୁ ନଥିଲା, କିନ୍ତୁ ଯେତେବେଳେ ବାହାରକୁ ଯିବା ଓ ଆସିବାରେ ବ୍ୟତିକ୍ରମ ଘଟିଲା, ଅତ୍ୟଧିକ ରାତିରେ ଘରକୁ ଫେରିବା, ତା' ପାଟିରୁ ମଦର ଗନ୍ଧ ବାହାରିବା, ଆଖିଦ୍ୱୟ ରକ୍ତରଞ୍ଜିତ ଦେଖାଯିବା ଇତ୍ୟାଦିରୁ ସେ  କିଛି କିଛି ଅନୁମାନ କରିନେଲା । ସେ ଅନୁମାନ କରିନେଲା ଯେ, ତା' ସ୍ୱାମୀ ଅନେକ ନିଶାରେ ଅଭ୍ୟସ୍ତ । ଜୟନ୍ତୀ ଶୋଇପଡ଼ିବା ପରେ ଆଣିଥିବା ଯୌତୁକ ବାକ୍ସରୁ କେବେ କଂସାଟିଏ ତ କେବେ ତାଟିଆଟିଏ, ଗଡୁଟିଏ ଉଭାନ୍ ହୋଇଯାଉଥିଲା । ପୁନଶ୍ଚ ସେ ଆଣିଥିବା ସବୁ ଜିନିଷକୁ ବିକ୍ରି କରି ଉପରୋକ୍ତ ନିଶା ଓ ଜୁଆରେ ଖର୍ଚ୍ଚ କରିଦେଲା । ଜୟନ୍ତୀ ତା' ସ୍ୱାମୀକୁ ଖାଇବାକୁ ଦେଇ ଅନୈତିକ କାର୍ଯ୍ୟ ନକରିବାକୁ ବୁଝାଏ । ସେ ତାକୁ କୁହେ, ଏପରି କାମରେ ଲିପ୍ତ ରହିଲେ ମଣିଷ ଅମଣିଷ ହୋଇଯାଏ । ଆମର ବି ଭବିଷ୍ୟତ ଆଗକୁ ଅନେକ ଅଛି । ତମେ ମତେ ବାହା ହେଲ, କିଛି କାମଦାମ କର । ବାପା ମା' କ'ଣ ସବୁଦିନେ ଥିବେ, ଆମକୁ ପୋଷିବେ । ଆମର ସନ୍ତାନସନ୍ତତି ହେବ । ସେମାନଙ୍କୁ ବଡ଼ ବଡ଼ କରି ମଣିଷ କରିବାକୁ ପଡ଼ିବ । କିନ୍ତୁ ପଙ୍କରେ ଖସିଗଲା ଗୋଡ଼ ତ ତଳକୁ ତଳକୁ ଯାଏ । ରାତିରେ ଜୟନ୍ତୀ କଥାରେ ହଁ ଭରେ । ସକାଳ ପାହିଲେ ଯେଉଁ କଥାକୁ ସେହି କଥା । ମତେ ଯେତେ ମାଠିକୁ ମାଠ, ମୁଁ ସେଇ ଦରପୋଡ଼ା କାଠ୍ ।' ଏ କଥାର ସତ୍ୟତା ଜୟନ୍ତୀର ସ୍ୱାମୀ ହିଁ ଏକ ଜ୍ୱଳନ୍ତ ଉଦାହରଣ । ଏମିତି ଅନେକ ଝଡ଼ଝଞ୍ଜାରେ ଗତିକରି ଜୟନ୍ତୀ ପ୍ରଥମେ ଏକ କନ୍ୟା ସନ୍ତାନର ଜନନୀ ହେବାର ସୌଭାଗ୍ୟ ଅର୍ଜିଲା । ଦୁଇବର୍ଷ ପରେ ଏକ ପୁତ୍ର ସନ୍ତାନ କୁଆଁ କୁଆଁ ରାବ ଦେଇ ତା' କୋଳରେ ଭୂମିଷ୍ଠ ହେଲା । ଜୟନ୍ତୀର ମନ ସବୁବେଳେ ଦୁଃଖରେ ଉବୁଟୁବୁ ହେଉଥାଏ ତା' ସ୍ୱାମୀର ଚରିତ୍ର ପାଇଁ । ଏ ଭିତରେ ତା' ଶାଶୂ କେଉଁ ଏକ ଅଜଣା ରୋଗର ଶିକାର ହୋଇ ମୃତ୍ୟୁବରଣ କଲେ । ଜୟନ୍ତୀ ସ୍ୱାମୀ ଓ ତା' ଦେଢ଼ଶୁର ସବୁ ଜମିବାଡ଼ି, ଘରଦ୍ୱାର ବଣ୍ଟାବଣ୍ଟି କରି ଅଲଗା ଅଲଗା ଚାଷ କଲେ ଓ ରୋଷେଇବାସ ମଧ୍ୟ ଅଲଗା ଅନ୍ୟ ଜାଗାମାନଙ୍କରେ କଲେ । ପୁଣି ଗାଈ, ବାଛୁରୀ, ହଳ, ବଳଦ ମଧ୍ୟ ଭାଗ ବଣ୍ଟା ହେଲା । ତା' ସ୍ୱାମୀ  ତ ଅଳସୁଆ, ଏଣୁ ଜୟନ୍ତୀ ତା' ଭାଗ ଚାଷଜମିକୁ ତା'ର ଜଣେ ଦେଢ଼ଶୁରଙ୍କୁ ଭାଗଚାଷପାଇଁ ଦେଲା । ଫସଲ ଅମଳବେଳେ ଯାହା ଭାଗମିଳୁଥିଲା ସେଥିରୁ ଜୟନ୍ତୀର ସ୍ୱାମୀ ବାଟରେ ବସ୍ତେ ଦୁଇ ବସ୍ତା ବିକ୍ରି କରିଦେଉଥିଲା । ସେଥିରେ ନିଶାଖାଇ ବାକିତକ ଟଙ୍କାକୁ ଜୁଆରେ ଖର୍ଚ୍ଚ କରିଦେଉଥିଲା । ଧୀରେ ଧୀରେ ସେ ତାର ପରିବାରକୁ ଏପରି ବ୍ୟତିବ୍ୟସ୍ତ କରିଦେଲା ଯେ, ଜୟନ୍ତୀର ଧୈର୍ଯ୍ୟର ସୀମା ଲଙ୍ଘନ କଲା । ଦିନେ ସେ ଅଧରାତିରେ କେଉଁଠି ଗୁଲିଗପ କରି, ଜୁଆଖେଳି, ଗଞ୍ଜେଇ ଟାଣି, ଆଖି ଲାଲ୍ ଲାଲ୍ କରି ଘରେ ପହଞ୍ଚିଲା । ଏ ଭିତରେ ଭାଗ ଜମିରୁ କିଛି ଜଣେ ସାହୁକାରଙ୍କ ଠାରୁ କରଜ ଆଣି ବିକ୍ରି କରିଦେଇଥାଏ । ଜୟନ୍ତୀ ରାଗରେ ପାଚି ଲାଲ୍ ହୋଇଯାଇଥାଏ । ସ୍ତ୍ରୀ ଜାତି କରୁଣାମୟୀ, ମମତାର ଗନ୍ତାଘର, କିନ୍ତୁ ସେ ରାଗିଲେ ଉଗ୍ରମୂର୍ତ୍ତି ଧାରଣ କରେ । ଭଲମନ୍ଦର ବିଚାର କରିପାରେ ନାହିଁ । ଜୟନ୍ତୀ ସେ ଆସିବା ପରେ ରାଗରେ ତା'ସ୍ୱାମୀକୁ ଏପରି ହାଡ଼ଭଙ୍ଗା କଥା କହିଲା ଯେ, ସେ ତା' ମସ୍ତିଷ୍କର ଭାରସାମ୍ୟ ରକ୍ଷା କରି ନପାରି ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କଲା । ଜୟନ୍ତୀ ଯୁବାବସ୍ଥାରୁ ବିଧବା ହେଲା, କିଏ କେତେ ଚାହିଁଚାପଣା କରି କେତେ କଥା କହିଲେ । କେହି କହି ତାକୁ ହାଡ଼, ମୁଣ୍ଡ, ଘଇତାଖାଇ କହିଲେ । ଏସବୁ ଟିକାଟିପ୍ପଣୀ ସହି ନପାରି ତା' ଶାଶୂଘରେ ତା'ର ରହିବାକୁ ଇଚ୍ଛା ହେଲାନାହିଁ । ଛୁଆ ଦୁଇଟାକୁ ଧରି ତା' ବାପା ଘରକୁ ଚାଲିଆସିଲା । ଏଣେ ତା' ବାପାକୁ ଯକ୍ଷ୍ମାରୋଗ ଆକ୍ରମଣ କଲା । ଟଙ୍କା ପଇସା ଯୋଗାଡ଼ କରି ମା'ଝିଅ ଦୁହେଁ ତାକୁ ବଡ଼ ଚିକିତ୍ସାଳୟ ନେଲେ । ରୋଗଟି ତା'ର ବହୁତ ବଢ଼ିଯାଇଥିବାରୁ ସେଠାରେ ସେ ଆରୋଗ୍ୟ ହୋଇପାରିଲା ନାହିଁ । ଶେଷରେ ତା'ଜୀବନ ଗଲା । ବିପଦ କେବେ ଏକାହୋଇ ଆସେନାହିଁ, ତା' ସାଙ୍ଗସାଥୀ ଧରି ଆସିଥାଏ । ଜୟନ୍ତୀର ଜୀବନରେ ଏହାହିଁ ଘଟିଥିଲା । ପ୍ରଥମେ ସ୍ୱାମୀ ଯାଇଥିଲା ପରେ ବାପା । ମା' ଝିଅ ଦୁହେଁ ଦିନମଜୁରି କାମ କରି ପରିବାରର ଚକକୁ ଆଗକୁ ବଢ଼ାଇଲେ । କିଛିଦିନ ପରେ ଜୟନ୍ତୀର ମା'ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲା । ଜୟନ୍ତୀ ଧାର କରଜ କରି ତା'ମାକୁ କୌଣସି ଏକ ଦୂର ସ୍ଥାନକୁ ନେଲାଓ କିଛି ପରିମାଣରେ ସୁସ୍ଥ କରାଇଲା । ତା' ମା'ତ ଆଉ କାମଦାମ କରିପାରିଲା ନାହିଁ । ଜୟନ୍ତୀ ଛୁଆ ଦୁଇଟିକୁ ମା' ପାଖରେ ଦେଇ କାମ କରିବାକୁ ଯାଏ । ତା'ବାପା ଏବଂ ଶାଶୂଘର ଚାଷ ଜମିରୁ ଯାହା ମିଳେ ତାକୁ ରଖିଦିଏ । ତାଙ୍କ ଛ'ମାସର ଖର୍ଚ୍ଚ ସେଥିରୁ ବାହାରେ ବାକି ଛ'ମାସର ଖର୍ଚ୍ଚ ଦିନ ମଜୁରି କାମ କରି ମା' ଏବଂ ତା'ଛୁଆଦ୍ୱୟଙ୍କୁ ଆହାର ଦିଏ । ଏବେ ଛୁଆମାନେ ଟିକିଏ ବଡ଼ ହେବାପରେ ତାଙ୍କୁ ସ୍କୁଲ୍‌ରେ ପଢ଼ାଇବା ପାଇଁ ନେଉଛି । ସେ ଯାହା ରୋଜଗାର କରେ ମା'ର, ନିଜର ଶାଢ଼ୀ କିଣେ ତା'ପିଲାପାଇଁ ପେଣ୍ଟ, ସାର୍ଟ, ଝିଅପାଇଁ ଫ୍ରକ୍, ଚଡ଼ି କିଣେ । ତା' ପେଟରେ ଭୋକ ଯେନତେନ ପ୍ରକାରରେ ତ ମେଣ୍ଟୁଛି, କିନ୍ତୁ ଶରୀରର ଭୋକ, ତୃଷ୍ଣା କିଏ ମେଣ୍ଟାଇବ । ରାତିରେ ଶୋଇଲାବେଳେ ଅନେକ ସ୍ୱପ୍ନ ଦେଖେ । ପୁଣି ଥରେ କେଉଁ ଅଜଣା ଯୁବକ ସାଥିରେ ତା'ମୁଣ୍ଡ ଗୁଞ୍ଜି ଦେବାକୁ ଇଚ୍ଛାହୁଏ । କିନ୍ତୁ ଦୁଇଟି ଛୋଟ ନିଷ୍ପାପ ଶିଶୁ ଏବଂ ବିକଳାଙ୍ଗର ଜୀବନ ରକ୍ଷା କରବା ପାଇଁ ତା' ବିବେକ ସେଥିରୁ ନିବୃତ୍ତ ରହିବାକୁ କହେ । ତା'ପୁଅ କେବେ ମଣିଷ ହୋଇ ତାକୁ ପୋଷିଲେ ତା' ଦୁଃଖର ଅନ୍ତ ହେବ ।




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ